### ଆଜି କ’ଣ କେଉଁଠି

**ପରଜଙ୍ଗ**

■ମହେଶ ଚନ୍ଦ୍ର ସୁବାହୁସିଂ ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ
**ସ୍ଥାନ:** ସ୍କୁଲ ପରିସର
**ସମୟ:** ପୂର୍ବାହ୍ନ ସାଢ଼େ ୧୦ଟା।

### ସଂକ୍ଷେପରେ

## ରାସୋଳରେ ବଢୁଛି ଜାଲ୍‌ନୋଟ୍ କାରବାର




**ରାସୋଳ, ୧୭।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳରେ ଜାଲ୍‌ନୋଟ୍ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ବିଧିବଦ୍ଧ ଭାବେ ଏକ ର୍‌ୟାକେଟ କାମ କରୁଥିବା ଅନୁମାନ କରାଯାଉଛି। ଦୁର୍ବୃତ୍ତମାନେ ପେଟ୍ରୋଲ ପମ୍ପରେ ଗହଳିର ସୁଯୋଗ ନେଇ ନକଲି ଟଙ୍କା ଦେଇ ଚମ୍ପଟ ମାରୁଛନ୍ତି। ସ୍ଥାନୀୟ ଏକ ପେଟ୍ରୋଲ ପମ୍ପରେ ଟଙ୍କା ହିସାବ ବେଳେ ୩ଟି ନକଲି ୨୦୦ ଟଙ୍କିଆ ଏବଂ ୫ଟି ନକଲି ୧୦୦ ଟଙ୍କିଆ ନୋଟ୍ ଥିବା ଜଣାପଡ଼ିଥିଲା। ଏ ନେଇ ସମ୍ପୃକ୍ତ ପେଟ୍ରୋଲ ପମ୍ପ ମାଲିକ ପୋଲିସ ନିକଟରେ ଅଭିଯୋଗ କରିବେ ବୋଲି କହିଛନ୍ତି। ନକଲି ନୋଟ୍ କାରବାର ରୋକିବା ଦିଗରେ ପୋଲିସ ପଦକ୍ଷେପ ନେବାକୁ ଦାବି ହେଉଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ହିନ୍ଦୋଳ, ୧୭।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ ହାଇସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ସମାରୋହ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଉତ୍ସବକୁ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଆନୁଷ୍ଠାନିକ ଭାବେ କ୍ରୀଡ଼ା ମଶାଲ ପ୍ରଜ୍ୱଳନ ଏବଂ ପତାକା ଉତ୍ତୋଳନ ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଦୌଡ଼, ଉଚ୍ଚଡିଆଁ, ଲମ୍ବାଡିଆଁ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯିବ।

# ସଚେତନତାରେ ସୀମିତ ‘ରାବଣଛାୟା’

(ଦିବ୍ୟଜ୍ୟୋତି ଦାଶ)
ପାଲଲହଡା, ୧୭।୧

କଳାର ରାଜ୍ୟ ଓଡ଼ିଶାରେ ଏକଦା ମନୋରଞ୍ଜନର ମୁଖ୍ୟ ମାଧ୍ୟମ ଥିଲା ଲୋକକଳା ରାବଣଛାୟା। ଅନୁଗୋଳ ଜିଲା ପାଲଲହଡ଼ା ଗଡ଼ଜାତରୁ ଦିନେ ଏହା ଦେଶବିଦେଶରେ ପହଞ୍ଚି ପାରିଥିଲା। ପୋଥି, ପୁରାଣମନସ୍କ ସେତେବେଳର ମଣିଷଙ୍କୁ ଆହୁରି ସଂସ୍କୃତିସମ୍ପନ୍ନ କରିବାରେ ଏହା ବେଶ୍ ସହାୟକ ହୋଇପାରିଥିଲା। କେବଳ ରାଜାରାଜୁଡ଼ା ଅମଳ ନୁହେଁ, ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ମଧ୍ୟ ରାବଣଛାୟାର ଆଦର ସର୍ବତ୍ର ଥିଲା। ଖାସ୍ ଏହି କାରଣରୁ ନବେ ଦଶକରେ ଏହା ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଉକ୍ତ ଲୋକକଳାକୁ ଆହୁରି ଆଗକୁ ନେବାକୁ ପ୍ରୟାସ ଆରମ୍ଭ ହୋଇଥିଲା। ଗୁରୁମାନଙ୍କୁ ତାଲିମ ସହ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦିଆଯାଇଥିଲା। କିନ୍ତୁ ଧୀରେ ଧୀରେ ଅନୁପ୍ରବେଶ କରୁଥିବା ଆଧୁନିକ ତଥା ପାଶ୍ଚାତ୍ୟ ସଂସ୍କୃତି ସହ ସମକକ୍ଷ ଅଭାବରୁ ଏହି ପୁରାତନ ଲୋକକଳା ଏବେ ନିଜ ଜନ୍ମମାଟିରେ ମଧ୍ୟ ଚମକହୀନ ହୋଇପଡ଼ିଛି। ସରକାରୀ ପ୍ରୋତ୍ସାହନ ଆଦୌ ନ ଥିବାରୁ ଏହାକୁ ନିଶା ବା ପେସା କରିବାକୁ ଆଉ କୌଣସି କଳାକାର ଆଗ୍ରହ ପ୍ରକାଶ କରୁନାହାନ୍ତି। କେବଳ କେତୋଟି ସରକାରୀ ସଚେତନତା କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି କେଉଁଠାରେ ବି ଲୋକକଳା ରାବଣଛାୟାକୁ ଖୋଜାପଡୁନି କି ଲୋଡ଼ାପଡୁନି।

ପାଲଲହଡ଼ାର ଗୁରୁ ଖଗେଶ୍ୱର ପ୍ରଧାନଙ୍କ କହିବା ଅନୁଯାୟୀ, ଗଡ଼ଜାତ ବେଳେ ଓଡ଼ିଶାରେ ପ୍ରଚଳିତ ଛାୟା ନାଟକ ହିଁ ରାବଣଛାୟା ଭାବେ ପରିଚିତ ଥିଲା। ରାମାୟଣର କଥାବସ୍ତୁକୁ ନେଇ ଏହା ପ୍ରସ୍ତୁତ ହେଉଥିବାରୁ ଏବଂ ନାଟକରେ ରାବଣ ମୁଖ୍ୟ ଭୂମିକା ନେଉଥିବାରୁ ଏହାର ନାମକରଣ ଏପରି ହୋଇଥିଲା। କେତେଜଣ ଲୋକକଳା ଗବେଷକଙ୍କ ମତରେ



ରାବଣଛାୟା ପରିବେଷଣର ଏକ ଦୃଶ୍ୟ।

ରାବଣ ଦେବୀ ସୀତାଙ୍କୁ ପୁଷ୍ପକ ବିମାନରେ ସମୁଦ୍ର ଉପର ଦେଇ ହରଣ ବେଳେ ସମୁଦ୍ରଜଳରେ ରାବଣର ଛାୟା ସୀତାଙ୍କ ଜୀବନକୁ ପ୍ରଭାବିତ କରିଥିବାରୁ ଏହି ଲୋକକଳାକୁ ‘ରାବଣଛାୟା’ ନାମରେ ନାମିତ କରାଯାଇଥିଲା। ପାଲଲହଡା ଉପଖଣ୍ଡ ଖମାର ଥାନା ଓଡ଼ଶ ଗାଁରେ ଆଠମଲ୍ଲିକରୁ ଆସିଥିବା ଭଟ୍ଟ ସମ୍ପ୍ରଦାୟର କଳାକାର ବାସୁଦେବ ଦାସ ଏବଂ ତାଙ୍କ ପୁଅ କାଠିନନ୍ଦ ଦାସ ପ୍ରଥମେ ଏହି ଲୋକକଳା ଆରମ୍ଭ କରିଥିଲେ। ଏକ ଧଳା ରଙ୍ଗର ଧୋତି ଏବଂ ଚମଡା ତିଆରି ମୂର୍ତ୍ତି ସାହାଯ୍ୟରେ ଡିବିରି ଆଲୁଅରେ ଏହା ପରିବେଷଣ କରାଯାଉଥିଲା। ବାସୁଦେବଙ୍କ ମୃତ୍ୟୁ ପରେ ରାବଣଛାୟାର ଦାୟିତ୍ୱ ନେଇଥିଲେ ଅଣଭଟ୍ଟ ସମ୍ପ୍ରଦାୟର ଶିଷ୍ୟ କୋହ୍ଲ ଚରଣ ସାହୁ। ସେ ରାବଣ ଛାୟାକୁ ଆଧୁନିକ ରୂପ ଦେବା ପାଇଁ ଉଦ୍ୟମ କରିଥିଲେ। ଫଳରେ ଏହା ଅଧିକ ଆଦରଣୀୟ ହୋଇପାରିଥିଲା। ୧୯୮୮ରେ ପାଲଲହଡା ବିଧାୟକ ଥିବା ବିଭୁଧେନ୍ଦ୍ର ପ୍ରତାପ ଦାସଙ୍କ ସହଯୋଗରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ରାବଣଛାୟାର ଉନ୍ନତି ପାଇଁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ମାଧ୍ୟମରେ ୧.୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏଥିସହ ପୁରାତନ ଲୋକକଳାକୁ ଯୁଗୋପଯୋଗୀ କରିବା ପାଇଁ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ କଳାକାରଙ୍କ ତାଲିମ ବ୍ୟବସ୍ଥା କରାଇଥିଲେ।

ସେଠାରେ ନାଟ୍ୟଗୁରୁ କୋହ୍ଲ ଚରଣ ସାହୁ, ଖଗେଶ୍ୱର ପ୍ରଧାନ, ମହେଶ୍ୱର ସାହୁ, କରୁଣାକର ପ୍ରଧାନ, ପର୍ଶୁରାମ ପ୍ରଧାନ, ସୌଦାଗର ଦାସ, ଭୀମସେନ ସାହୁ, ପ୍ରଫୁଲ୍ଲ ପ୍ରଧାନ, ପଞ୍ଚୁ ସାହୁ ପ୍ରମୁଖ ୧୦ ଜଣ କଳାକାର ତାଲିମ ନେଇଥିଲେ। ଏହାପରେ ସେମାନେ ଦିଲ୍ଲୀରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଜାତୀୟ ପୁତ୍ତଳିକା ଉତ୍ସବରେ ଭାଗ ନେବା ସହ ଦେଶ ବାହାରେ ଲୋକକଳା ପ୍ରଦର୍ଶନ କରି ବହୁ ପ୍ରଶଂସା ସାଉଣ୍ଟିଥିଲେ। ୨୦୦୬ ଜାନୁୟାରୀ ୬ରେ ନାଟ୍ୟଗୁରୁ କୋହ୍ଲ ଚରଣଙ୍କ ମୃତ୍ୟୁ ପରେ ତାଙ୍କ ପଟ୍ଟଶିଷ୍ୟ ଭାବେ ସେ ଦାୟିତ୍ୱ ନେଇଥିଲେ ବୋଲି ଖଗେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି। କାଳକ୍ରମେ ଏହି ଲୋକକଳାକୁ ଲୋକଙ୍କ ନିକଟରେ ପହଞ୍ଚାଇବା

■ନାହିଁ ଆଉ ଏହି ଲୋକକଳାର ଆଦର
■୧୯୮୮ରେ ମିଳିଥିଲା ସରକାରୀ ସହଯୋଗ
■ପରିବେଷଣ ପାଇଁ ମିଳୁନାହାନ୍ତି କଳାକାର
■ସରକାରୀ ଉଦାସୀନତାକୁ ଦାୟୀ କଲେ ଗୁରୁ

ସକାଶେ ‘ଗାନ୍ଧୀଙ୍କ ସତ୍ୟାଗ୍ରହ’, ‘ଚିଲିକା’, ‘କାଞ୍ଚି ଅଭିଯାନ’ ଆଦି ପରିବେଷଣ ହେଉଥିଲା। ବର୍ତ୍ତମାନ ଏହି ଲୋକକଳା ପାଇଁ ଅର୍ଥ ବାଧକ ସାଜିଥିବାବେଳେ ଆଉ ନୂତନ କଳାକାର ମିଳୁନାହାନ୍ତି। ନୂତନ ପିଢ଼ି ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି। ମାତ୍ର ୮ ଜଣ କଳାକାରଙ୍କୁ ନେଇ ଏହି ବିଲୁପ୍ତପ୍ରାୟ ଲୋକକଳା ଏବେ କେବଳ ସରକାରୀ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଶିକ୍ଷା ଅଧିକାର, ସୂଚନା ଅଧିକାର ଆଇନ, କନ୍ୟା ଭ୍ରୂଣହତ୍ୟା, ନିଶାସେବନର କୁପରିଣତି ଆଦି ବିଷୟରେ ଲୋକଙ୍କୁ ସଚେତନତାରେ ଅଟକି ଯାଇଛି। ତାଙ୍କ ବୟସ ୮୦ ଟପିଯାଇଥିବାରୁ ଆଗାମୀ ଦିନରେ ରାବଣଛାୟାର ଭବିଷ୍ୟତ ନେଇ ସେ ସନ୍ଦିହାନ ହୋଇପଡ଼ିଥିବା ଗୁରୁ ଖଗେଶ୍ୱର କହିଛନ୍ତି।



ଗୁରୁ ଖଗେଶ୍ୱରଙ୍କ ସହ କଳାକାରମାନେ।

### ସରକାରୀ ସହାୟତା ଆବଶ୍ୟକ



◆ବର୍ତ୍ତମାନ ୮ ଜଣ କଳାକାରଙ୍କୁ ନେଇ ଅନୁଷ୍ଠାନ ବଞ୍ଚିରହିଛି। ଆଜିକାର ବ୍ୟୟବହୁଳ ଯୁଗରେ ଏହି ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସହାୟତା ଆବଶ୍ୟକ। ନୂତନ ପିଢ଼ିଙ୍କ ମଧ୍ୟରେ ସଚେତନତା ଏବଂ ସରକାରୀ ସହଯୋଗ ମିଳିଲେ ରାବଣ ଛାୟାକୁ ନୂଆ ଦିଗ ଦିଆଯାଇପାରନ୍ତା।

–ଖଗେଶ୍ୱର ପ୍ରଧାନ, ଛାୟା ଗୁରୁ

### ଭବିଷ୍ୟତ କରିବାକୁ ଅନିଚ୍ଛା



◆ଆବଶ୍ୟକ ଭିତ୍ତିଭୂମିର ଅଭାବ ଏବଂ ସରକାରୀ ଉଦାସୀନତା ପାଇଁ ଏହି ପୁରାତନ ଲୋକକଳା ଲୋପ ପାଇବାକୁ ବସିଛି। ରାଜ୍ୟରେ ଲୋକକଳାର ପ୍ରଚାର ଏବଂ ପ୍ରସାର ପାଇଁ ସରକାରଙ୍କ ସ୍ପଷ୍ଟ ନୀତି ନ ଥିବାରୁ ଆଗାମୀ ପିଢ଼ି ଏହାକୁ ନିଜର ଭବିଷ୍ୟତ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି।

–ସୁଦର୍ଶନ ପ୍ରଧାନ, କଳାକାର

### ଚାହିଦା ଅନୁଯାୟୀ ପ୍ରସ୍ତୁତ କରାଯାଉ



◆ଆଧୁନିକ ସମାଜରେ ମନୋରଞ୍ଜନର ଧାରା ବଦଳିଥିବାବେଳେ ଲୋକକଳା ପ୍ରତି ଚାହିଦା କମିଛି। ତେବେ ଲୋକଙ୍କ ମଧ୍ୟରେ ସଚେତନତା, ସରକାରୀ ସହଯୋଗ ତଥା ଯୁଗୋପଯୋଗୀ ନାଟକ ପ୍ରସ୍ତୁତ କରାଗଲେ ଏହି ଲୋକକଳା ପ୍ରତି ପୁଣିଥରେ ଆକର୍ଷଣ ବଢ଼ିପାରନ୍ତା।

–ଧ୍ରୁବ ଚରଣ ସାହୁ
ସଭାପତି, ପାଲଲହଡ଼ା କଳାକାର ସଂଘ

### ବିକାଶ ପାଇଁ ଦୃଷ୍ଟି ଦିଆଯିବ



◆ରାବଣଛାୟା ପାଲଲହଡା ମାଟିରୁ ଯାଇ ଦେଶ ବିଦେଶରେ ସୁନାମ ଅର୍ଜନ କରିଛି। ଏହି ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯିବ। ଭିତ୍ତିଭୂମି ବିକାଶ ଏବଂ କିଭଳି ଭାବେ ସରକାରୀ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରାଯାଇ ପ୍ରଚାର ପ୍ରସାର କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ସଂସ୍କୃତି ବିଭାଗ ସହ ମଧ୍ୟ ଆଲୋଚନା କରାଯିବ।

–ମୁକେଶ କୁମାର ପାଲ, ବିଧାୟକ, ପାଲଲହଡା

### ଆଗକୁ ପଦକ୍ଷେପ ନିଆଯିବ



◆ରାବଣଛାୟାର ଉନ୍ନତି ପାଇଁ ଅତୀତରେ ବହୁ ପଦକ୍ଷେପ ନିଆଯାଇଛି। ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ଲୋକକଳା ମହୋତ୍ସବରେ କାଠି କଣ୍ଢେଇ ନାଚ ପ୍ରଦର୍ଶନ କରାଯାଇଥିଲା। ଆଗାମୀ ଦିନରେ ଏହି ଲୋକକଳାକୁ କିପରି ଅଧିକ ଆଦୃତ କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ।

– ବିଜୟ କୁମାର ଜେନା, ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

# ସ୍ତ୍ରୀ ପାଖରୁ ଝିଅକୁ ଉଠାଇନେଲେ ସ୍ୱାମୀ

ହିନ୍ଦୋଳ, ୧୭।୧(ଡି.ଏନ.ଏ.)

■ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ମହିଳା
■ନ୍ୟାୟ ଦେବାକୁ ପୋଲିସକୁ ନିବେଦନ କଲେ

ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ଗ୍ରାମର ସୁନୀତି ବେହେରା (୨୩) ତାଙ୍କ ସ୍ୱାମୀ ତଥା ବଅଁରପାଳ ଥାନା ମହୀଧରପୁର ଗ୍ରାମର ଶିବରାମ ବେହେରାଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଥିସହ ୨ଝିଅଙ୍କ ମଧ୍ୟରୁ ବଡ଼ଝିଅକୁ ଜୋରଜବରଦସ୍ତ ଉଠାଇନେଇଥିବା ମହିଳା ଜଣକ ଶୁକ୍ରବାର ମହୀଧରପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲାରେ ଦର୍ଶାଯାଇଛି, ୨୦୧୫ ଡିସେମ୍ବର ୩୦ରେ ହାଡୁରା ଶିବ ମନ୍ଦିରରେ ସୁନୀତି ଏବଂ ଶିବରାମଙ୍କ ବିବାହ ହୋଇଥିଲା। ବିବାହ ସମୟରେ ଝିଅ ଘର ପକ୍ଷରୁ ନଗଦ ୪୦ ହଜାର ଟଙ୍କା ସହ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଦିଆଯାଇଥିଲା। ହେଲେ ବିବାହର ୨ମାସ ପରେ ସୁନୀତିଙ୍କ ଶାଶୁଘର ଲୋକେ ଫ୍ରିଜ୍, ଗହଣା ଏବଂ ବାଇକ୍ ଦାବି କରି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଇତିମଧ୍ୟରେ ତାଙ୍କର ୨ଝିଅ ଜନ୍ମ ହୋଇଥିଲେ। ଝିଅ ଜନ୍ମ ହେବାକୁ ନେଇ ସେମାନେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ଗତ ଅଗଷ୍ଟରୁ ସୁନୀତି ଦୁଇଝିଅଙ୍କ ସହ ବାପଘର ଭଗବାନପୁରରେ ରହି ଆସୁଥିଲେ। ତେବେ ଗତ ସପ୍ତାହରେ ଶିବରାମ ଆସି ସୁନୀତିଙ୍କ ବଡ଼ ଝିଅ ତେଜସ୍ୱିନୀ (୩)ଙ୍କୁ ଜୋରଜବରଦସ୍ତ ଧରି ଚାଲିଯାଇଛନ୍ତି। ଗୁରୁବାର ସୁନୀତି ଝିଅକୁ ଆଣିବାକୁ ଶାଶୁ ଘରକୁ ଯାଇଥିଲେ। ହେଲେ ସ୍ୱାମୀ ଏବଂ ଅନ୍ୟମାନେ ତାଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ସେଠାରୁ ନିରାଶରେ ଫେରି ଆସିଥିବା ସୁନୀତି ନ୍ୟାୟ ପାଇଁ ପୋଲିସର ସହାୟତା ଲୋଡ଼ିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜଙ୍ଗଲରେ ଦଳିଦେଲା ହାତୀ

ରାସୋଳ, ୧୭।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ହାତୀ–ମଣିଷ ସଂଘର୍ଷ ବନ ବିଭାଗର ଚିନ୍ତା ବଢ଼ାଇଛି। କେତେବେଳେ ଶିକାରୀ ଫାଶରେ ପଡ଼ି ହାତୀ ମରୁଛି ତ ଆଉ କେବେ ହାତୀ ମୁହଁରେ ପଡ଼ି ଯାଉଛି ମଣିଷ ଜୀବନ। ଗୁରୁବାର ସନ୍ଧ୍ୟାରେ ରାସୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହାତୀ ଦଳି ମାରିଦେଇଛି। ମୃତକ ହେଲେ ବମ୍ପା ଗ୍ରାମର ଭାସ୍କର ବେହେରା। ଏ ନେଇ ନଂ. ୨/୨୦୨୦ରେ ଏକ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ମୃତକଙ୍କ ପରିବାର ଲୋକଙ୍କ କହିବା କଥା, ଭାସ୍କର ଏବଂ ତାଙ୍କ ସ୍ତ୍ରୀ ବାବନ୍ଧ ଗ୍ରାମ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସ୍ତ୍ରୀଙ୍କୁ ବସ୍‌ରେ ବସାଇ ଦେଇ ଭାସ୍କର ସାଇକେଲରେ ଘରକୁ ଫେରୁଥିଲେ। ଗୁଆଗରିଆ ଛକ ନିକଟରେ ହଠାତ୍ ଜଙ୍ଗଲ ଭିତରୁ ଏକ ହାତୀ ବାହାରି ଗୋଡ଼ାଇଥିଲା। ଭାସ୍କର ପ୍ରାଣ ବିକଳରେ ସାଇକେଲ ଛାଡ଼ିଦେଇ କାଜୁ ଜଙ୍ଗଲ ଭିତରକୁ ଦୌଡ଼ିଥିଲେ। ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଦଳିଦେଇଥିଲା। ସୂଚନା ପାଇ ରେଞ୍ଜର ହରମୋହନ ନାୟକ ପହଞ୍ଚି ତଦନ୍ତ କରିବା ସହ ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ଅପରାହ୍ନରେ ଘଟଣା ଘଟିଥିଲେ ସୁଦ୍ଧା ଶୁକ୍ରବାର ଦିନ ୧୨ଟାରେ ପୋଲିସ ପହଞ୍ଚିଥିଲା। ଏହାକୁ ନେଇ ସାଧାରଣରେ ଉତ୍ତେଜନା ଦେଖାଦେଇଥିଲା।

# ‘ସଚେତନ ହେଲେ ଶିକ୍ଷାର ମାନ ବଢ଼ିବ’



ସୁସଜ୍ଜିତ ବଳଦ ଗାଡ଼ିରେ ଏମ୍‌ପି ନଗର ପରିକ୍ରମା କରୁଛନ୍ତି।

ଭୁବନ, ୧୭।୧(ଡି.ଏନ.ଏ.)

ଶିକ୍ଷକ ଏବଂ ଅଭିଭାବକ ଶିକ୍ଷାର ମୂଳ ଭିତ୍ତିଭୂମି। ସେମାନେ ସଚେତନ ହୋଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କଲେ ଶିକ୍ଷାର ମାନବଢ଼ିବ ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। ସ୍ଥାନୀୟ ବଡ଼ହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏମ୍‌ପି ଏପରି ପରାମର୍ଶ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଏବଂ ସମ୍ମାନିତ ଅତିଥି ପଣ୍ଡିତ ମାତୃପ୍ରସାଦ ମିଶ୍ର, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ, ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଳଧର ବାରିକ, ଅର୍ଜୁନ ପୃଷ୍ଟି, ଭାସ୍କର ସାଠୁଆମହାପାତ୍ର, ପୁରାତନ ଛାତ୍ର କୈଳାସ ମହାରଣା, ଡ. ସୁବାସ ନାୟକ, ସୁଶାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ବିପିନବିହାରୀ ସେଠୀ, ପ୍ରଧାନଶିକ୍ଷକ ଆଶୁତୋଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହାପରେ ଏମ୍‌ପି ଭୁବନ କୃଷକ ସମାଜର ବାର୍ଷିକ ଉତ୍ସବ, ନୂଆଭୁବନ ହାଇସ୍କୁଲ ଏବଂ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀ ଏବଂ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ପ୍ରାରମ୍ଭରେ ଏମ୍‌ପି ଅଷ୍ଟଶମ୍ଭୁ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କୃଷକ ସମାଜ ପକ୍ଷରୁ ଏକ ସୁସଜ୍ଜିତ ବଦଳ ଗାଡ଼ିରେ ଏମ୍‌ପିଙ୍କୁ ନଗର ପରିକ୍ରମା କରାଯାଇଥିଲା।

# ସଡ଼କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ଢେଙ୍କାନାଳ ଅଫିସ, ୧୭।୧

ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ୧୧ ତାରିଖରୁ ଚାଲିଥିବା ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନ ସାଢ଼େ ୯ଟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ଅନୁପମା ଜେମ୍‌ସ କହିଲେ, ସଡ଼କ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ। ଗାଡ଼ି ଚାଳନାରେ ସାବଧାନତା ଅବଲମ୍ବନ, ୧୮ବର୍ଷରୁ କମ୍ ବୟସର ପିଲା ଗାଡ଼ି ନ ଚଳାଇବା, ନିଶା ସେବନ କରି ଗାଡ଼ି ଚାଳନାରୁ ବିରତ ରହିବାକୁ ଏସ୍‌ପି ମରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ କହିଲେ, ଦାୟିତ୍ୱବାନ ହେଲେ ସମସ୍ତେ ସୁରକ୍ଷିତ ରହିପାରିବା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ ସଂଶୋଧିତ ମୋଟରଯାନ ନିୟମ ମାନି ଚଳିବା ଏବଂ ଯୁବପିଢ଼ିଙ୍କୁ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଆର୍‌ଟିଓ ବସନ୍ତ କୁମାର ମାଝି ସ୍ୱାଗତ ଭାଷଣ ଦେଇ କହିଲେ, ରାସ୍ତାରେ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ପେସାଦାର ଡ୍ରାଇଭରଙ୍କୁ ସଚେତନ କରାଯିବ। ଜନସାଧାରଣ ଟ୍ରାଫିକ୍ ନିୟମକୁ ମାନିବାକୁ ସେ ନିବେଦନ କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ।

ଏଥିପୂର୍ବରୁ ବାଜିରୌତଠାରୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଏସ୍‌ପି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲଙ୍କ ସମେତ ପରିବହନ ଏବଂ ପୋଲିସ ବିଭାଗର ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମହିଳା ମୃତ

**ଭୁବନ, ୧୭।୧(ଡି.ଏନ.ଏ.)**
ଭୁବନ ଥାନା ଓଡ଼ିଶ ଗ୍ରାମ ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଟିଣକଲୋନୀ ଗ୍ରାମର ରଇବାରି ଦାସ (୬୧)। ରଇବାରିଙ୍କୁ ଜ୍ୱର ହୋଇଥିବାରୁ ସେ ସ୍ୱାମୀ ମହେଶ୍ୱରଙ୍କ ସହ ଡାକ୍ତରଖାନାକୁ ଯାଇଥିଲେ। ଉଭୟେ ସାଇକେଲରେ ଘରକୁ ଫେରୁଥିବାବେଳେ ପଛ ପଟୁ ଉକ୍ତ ଟ୍ରକ୍ (ନଂ. ଓଅ ।ର୍ ୦୪-୯୬୭୧) ଧକ୍କା ଦେଇଥିଲା। ସାଇକେଲରୁ ରଇବାରି ଛିଟିକି ପଡ଼ିଥିବାବେଳେ ଟ୍ରକ୍‌ର ପଛ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରି ଥାନାକୁ ଆଣିଛି। ଡ୍ରାଇଭର ଫେରାର ଅଛନ୍ତି । ଏ ନେଇ ନଂ. ୧୫/୨୦, ଦଫା ୨୭୯, ୩୦୪ (ଏ)ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଶେଷଦେବ ହତ୍ୟା ଘଟଣା, ଅଭିଯୁକ୍ତ ଅଟକ

**ପରଜଙ୍ଗ, ୧୭।୧(ଡି.ଏନ.ଏ.):**
ବହୁ ଚର୍ଚ୍ଚିତ ଶେଷଦେବ ବେହେରା (୧୯) ହତ୍ୟାକାଣ୍ଡ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ତାଙ୍କ ନାମ ପୋଲିସ ପ୍ରଘଟ କରିନାହିଁ। ତେବେ ଅଟକ ଯୁବକ ହିଁ ହତ୍ୟାକାଣ୍ଡ ଭିଆଇ ଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଡିହଡୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର ବାଲିଜୁରୀ ନାଳ ନିକଟ ରାସ୍ତା କଡ଼ ଜଙ୍ଗଲରୁ ଗୁରୁବାର ଅପରାହ୍ନରେ ଶେଷଦେବଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ଗ୍ରାମର ଜଣେ ଯୁବକ ହିଁ ପୁଅର ହତ୍ୟାକାରୀ ବୋଲି ବାପା ଡିଲ ବେହେରା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ପରିସର ବଢ଼ାଇଛି। ଏ ନେଇ ଫାଣ୍ଡି ଅଧିକାରୀ ପଦ୍ମନାଭ ଲେଙ୍କା କୁହନ୍ତି, ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରାଯାଇଛି। ଜଣଙ୍କୁ ଅଟକ ରଖାଯାଇଛି। ଖୁବଶୀଘ୍ର ହତ୍ୟାକାଣ୍ଡ ଉପରୁ ପରଦା ଉଠିବ ବୋଲି ସେ ସୂଚନା ଦେଇଛନ୍ତି।

### ନିଯୁକ୍ତିଭିତ୍ତିକ ଆଲୋଚନାଚକ୍ର

**ଢେଙ୍କାନାଳ ଅଫିସ, ୧୭।୧:**
ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ନିଯୁକ୍ତିଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚତୁର୍ଭୁଜ ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ନିଯୁକ୍ତି ସମ୍ଭାବନା ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ଏ ନେଇ ପାୱାର ପଏଣ୍ଟ ମାଧମରେ ତଥ୍ୟ ପ୍ରଦାନ କରାଯାଇଥିଲା। ଢେଙ୍କାନାଳ କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର ଯୋଗଦେଇ ଆନୁଷଙ୍ଗିକ ବିଷୟରେ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ। ଅଧାପକ ତପନ ସେଠୀ, ସୁଶାନ୍ତ ପ୍ରଧାନ, ସୁନନ୍ଦା ସ୍ୱାଇଁ, ଡ. ସମ୍ବିତ କୁମାର ସାହୁ, ଡ. ଭୂପେଶ ସାହୁ, ପ୍ରଜ୍ଞା ପାରମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧାପକ ଡ. ଆଦିତ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭାଗ ଉପରେ ବର୍ଷିଲେ ଚାଷୀ

- ପାଣି ପଞ୍ଚାୟତପକ୍ଷ ପାଳନ ସମାରୋହ
- ବୈଷୟିକ ସହଯୋଗ ମିଳୁ ନ ଥିବା ଅଭିଯୋଗ
- ଫସଲ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ: ବିଧାୟିକା
- ଜଳ ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ: ବ୍ଲକ ଅଧକ୍ଷ

**ରାସୋଳ, ୧୭।୧(ଡି.ଏନ.ଏ.)**


ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଜଣେ ଚାଷୀ।

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାପୁଆ ଡ୍ୟାମ ନିକଟରେ ଶୁକ୍ରବାର ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟିକା ସୀମାରାଣୀ ନାୟକ, ମୁଖ୍ୟବକ୍ତା ଅଧୀକ୍ଷଣ ଯନ୍ତ୍ରୀ ଦୀପ୍ତିରଞ୍ଜନ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରିୟରଞ୍ଜନ ମାହାନ୍ତ, ମୁଖ୍ୟଯନ୍ତ୍ରୀ ଭାରତ ଭୂଷଣ ଦାସ ମଞ୍ଚାସୀନ ଥିଲେ। କୃଷି ବିଭାଗର ସହଯୋଗ ମିଳୁ ନ ଥିବାରୁ ଜଳସେଚନ ସୁବିଧା ଥିବା ସତ୍ତ୍ୱେ ଲାଭ ମିଳୁ ନ ଥିବା ଅଭିଯୋଗ କରି ଚାଷୀମାନେ କ୍ଷୋଭବ୍ୟକ୍ତ କରିଥିଲେ।

ବାର୍ହା, ହାତୀ, ମାଙ୍କଡ଼ ଉପଦ୍ରବରେ ଚାଷୀମାନେ ବହୁକ୍ଷତି ସହୁଥିବା ଅଭିଯୋଗ ହେଉଛି। ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଚାଷୀଙ୍କୁ ଆବଶ୍ୟକ ସହଯୋଗ କରିବାକୁ ସେ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଅଧକ୍ଷ ଆଲୋଚନାରେ ଭାଗନେଇ କହିଲେ, ଜଳ ସଂରକ୍ଷଣ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ। ପ୍ରତି ଜନସାଧାରଣଙ୍କୁ ଏଥିରେ ସହଭାଗୀ ହୋଇ କାମ କରିବାକୁ ପଡ଼ିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରତି ପଞ୍ଚାୟତରେ ପାଣି ପଞ୍ଚାୟତ କାର୍ଯ୍ୟାଳୟ ଖୋଲିବା ଲାଗି ଗୋଟିଏ ପ୍ରକୋଷ୍ଠ ଯୋଗାଇ ଦିଆଯିବ ବୋଲି ଅଧକ୍ଷ କହିଛନ୍ତି।

ନାଉକିଆରୀ ଗ୍ରାମର ଚାଷୀ ଧନେଶ୍ୱର ସାହୁ କହିଲେ, ସାପୁଆ ଡ୍ୟାମରୁ ଚାଷୀଙ୍କୁ ପାଣି ସୁବିଧା ମିଳୁଛି। ହେଲେ କୃଷି ବିଭାଗର କୌଣସି କର୍ମଚାରୀ ସହଯୋଗ କରୁନାହାନ୍ତି। ସାର, ବିହନ, କୀଟନାଶକ, ବୈଷୟିକ ଜ୍ଞାନକୌଶଳ ମିଳିବା ସାତସପନ ପାଲଟିଛି। ସେହିପରି ଅନେକ ଚାଷୀ କୃଷି ଏବଂ ଉଦ୍ୟାନ ବିଭାଗର ଅବହେଳାକୁ ନେଇ ବର୍ଷିଥିଲେ। କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା କହିଲେ, ବିଭାଗରେ କର୍ମଚାରୀଙ୍କ ଅଭାବ ରହିଛି। ତେଣୁ ସମସ୍ୟା ସୃଷ୍ଟି ହେଉଛି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯିବ। ଏହି ଅବସରରେ କୃଷି କ୍ଷେତ୍ରରେ ସଫଳତା ପାଇଁ କୁନୁଆ ଗ୍ରାମର ସରୋଜ ସାମଲ, ଅଁଳାବେଡ଼ାର ବିଦ୍ୟାଧର ବିଶ୍ୱାଳ, ଲହଡ଼ାର ଧୀର ସାମଲ, ଭକ୍ତପୁରର ଦିଲୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତର ବହୁ ସଭ୍ୟାସଭ୍ୟଙ୍କ ସମେତ ୩୦ଜଣ ଚାଷୀ ଯୋଗଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସାପୁଆ ଡ୍ୟାମର ସହକାରୀ ଯନ୍ତ୍ରୀ କାଳୀଚରଣ ହୋତା ଧନ୍ୟବାଦ ଦେଇଥିଲେ।

# ୨.୫ ଲକ୍ଷ ଟଙ୍କାର କାଠ ଜବତ



- ଚାଲାଣ ହେଉଥିଲା, ଗ୍ରାମବାସୀ ଧରିଲେ
- ପଦା ହେଲାଣି ମୂଲ୍ୟବାନ ଶାଳ ଜଙ୍ଗଲ
- ବନ ବିଭାଗ ପାଖରେ ସୂଚନା ନାହିଁ

**ଢେଙ୍କାନାଳ ଅଫିସ, ୧୭।୧**

ଢେଙ୍କାନାଳ ସଦର ରେଞ୍ଜ୍ ତାଳବରକୋଟ ଗ୍ରାମ ନିକଟ ଶାମୁକାତଇଲା ଶାଳ ଜଙ୍ଗଲରେ କାଠମାଫିଆ ସକ୍ରିୟ ହୋଇଉଠିଛନ୍ତି। ବନ ବିଭାଗ ସ୍ଥାଣୁ ପାଲଟିଥିବାବେଳେ ଏହାର ସୁଯୋଗରେ ଜଙ୍ଗଲରୁ ମୂଲ୍ୟବାନ କାଠ ଚାଲାଣ କରାଯାଉଛି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳବାସୀ ଆନୁମାନିକ ୨ଲକ୍ଷ ୫୦ ହଜାର ଟଙ୍କାର ଶାଳକାଠ ଜବତ କରି ବନ ବିଭାଗ ଜିମା ଦେଇଛନ୍ତି। ଶାଳ କାଠଗୁଡ଼ିକ ୫ଫୁଟରୁ ୯ଫୁଟ ଯାଏ ଗୋଲେଇ ବିଶିଷ୍ଟ। ୮୦ ଘନଫୁଟର ୨୦ଖଣ୍ଡ ଲଗ୍‌କୁ ଜବତ କରାଯାଇଛି।

ଗ୍ରାମବାସୀଙ୍କ କହିବା କଥା, ମାଫିଆମାନେ ଟ୍ରକ୍ ଯୋଗେ କାଠ ଚାଲାଣ କରୁଥିବା ସୂଚନା ପାଇ ବନ ବିଭାଗକୁ ଅବଗତ କରାଯାଇଥିଲା। ହେଲେ ଏହାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ସେମାନେ ବାଧ୍ୟ ହୋଇ ଘଟଣାସ୍ଥଳକୁ ଯାଇଥିଲେ। ଦୁର୍ବୃତ୍ତମାନେ ୮୦ଘନ ଫୁଟ କାଠ ଛାଡ଼ି ଟ୍ରକ୍ ଧରି ଜଙ୍ଗଲକୁ ପଳାଇଥିଲେ। ଏ ନେଇ ଫରେଷ୍ଟର ପ୍ରଫୁଲ୍ଲ ସେଠୀ କୁହନ୍ତି, ଜଙ୍ଗଲରେ କାଠ ପଡ଼ିଥିବା ସୂଚନା ପାଇ ଯାଇଥିଲୁ। କାଠ ଜବତ କରାଯାଇଛି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଛି। ହାତୀଙ୍କୁ ଘଉଡ଼ାଇବାରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏହାର ସୁଯୋଗ ନେଇ କାଠ ମାଫିଆମାନେ ଜଙ୍ଗଲରୁ ଗଛ କାଟୁଛନ୍ତି। ପାଟ୍ରୋଲିଂ କରାଯାଉଛି। ଗତ ୧୧ ତାରିଖରେ ୩୪ ଘନଫୁଟ କାଠ ଜବତ କରାଯାଇଥିଲା। ୨ ମାସ ତଳେ ମଧ୍ୟ କାଠ ଜବତ ହୋଇଥିବା ଫରେଷ୍ଟର ସୂଚନା ଦେଇଛନ୍ତି।

# ଗାନ୍ଧିଜୀଙ୍କ ଅହିଂସା ମାର୍ଗ ଆପଣେଇବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୭।୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ଶୁକ୍ରବାର 'ବିଂଶ ଶତାବ୍ଦୀର ଗାନ୍ଧୀ ବିଚାରଧାରା' ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଧରଣୀଧର ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ପ୍ରଫେସର ଡ. ଭବାନୀଶଙ୍କର ମିଶ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି କହିଲେ, ସାରା ବିଶ୍ୱକୁ ଏବେ ହିଂସା କବଳିତ କରି ରଖିଛି। ଏଥିରୁ ମୁକ୍ତି ଲାଗି ଗାନ୍ଧୀବାଦର ଆବଶ୍ୟକତା ରହିଛି। ଅହିଂସା ମାର୍ଗ ଆପଣାଇଲେ ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ସମ୍ଭବ ବୋଲି ସେ ମତ ରଖିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ ଡ. ଜ୍ଞାନେନ୍ଦ୍ର କୁମାର ଧଳ ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବଣସିଂହ ମହାବିଦ୍ୟାଳୟର ଅଧକ୍ଷ ଗଗନ ବିହାରୀ ସ୍ୱାଇଁ, କଲେଜର ପୂର୍ବତନ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ରାଉତ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ଞାନେନ୍ଦ୍ରନାଥ ଦାସ, ଶିକ୍ଷା ବିଭାଗ ମୁଖ୍ୟ ସୁରେନ୍ଦ୍ର ପରିଡ଼ା, ରାଜନୀତି ବିଜ୍ଞାନ ମୁଖ୍ୟ ସୁଜିତ ସାମଲ, ଗ୍ରନ୍ଥାଗାରିକ କିଶୋର ନନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ରୀ ସୌଦାମିନୀ ସିଂ, ଶିଖା ଶୁଭଦର୍ଶିନୀ, ମିନୁଶେଫାଳି ଜେନା, ଶିବାନୀ ପରିଡ଼ା, ପ୍ରଭାସିନୀ ସିଂ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ବନିତା ସ୍ୱାଇଁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅନିଲ ପଣ୍ଡା, ମୁଖ୍ୟ କିରାଣି ବିରଞ୍ଚି କୁମାର ପୃଷ୍ଟିଙ୍କ ସମେତ ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସମ୍ପାଦକ ଅଧାପକ ଅନ୍ତର୍ଯ୍ୟାମୀ ବେହେରା ଧନ୍ୟବାଦ ଦେଇଥିଲେ।



ଗାନ୍ଧୀ ବିଚାରଧାରା ଶୀର୍ଷକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ଅବକାରୀ ଚଢାଉ: ୪ ଗିରଫ

**ଚମ୍ପୁଆ, ୧୭।୧(ଡି.ଏନ.ଏ.)**
ଚମ୍ପୁଆ ଅବକାରୀ ବିଭାଗ ଓ ମୋବାଇଲ ୟୁନିଟ୍ ମିଳିତ ଚଢାଉ କରି ୫ ହଜାର କେ.ଜି ମହୁଲି ପୋଚ ନଷ୍ଟ କରିଥିବା ବେଳେ ୩୦୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି। ଅଭିଯୁକ୍ତମାନେ ହେଲେ ତ୍ରିଲୋଚନ ସେଠୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମାଝୀ ଓ ସୁମିତ୍ରା ମହାନ୍ତ । ମୋବାଇଲ ୟୁନିଟ୍ ସବ୍‌ଇନ୍ସପେକ୍ଟର ରୋହିତ କୁମାର ନାଏକଙ୍କ ତତ୍ତ୍ୱାବଧାନ ଓ ଚମ୍ପୁଆ ଅବକାରୀ ବିଭାଗର ମିଳିତ ସହଯୋଗରେ ଟଣ୍ଡୁଆବାହାଳ, ଏସେଲ୍‌କୁଟ, ରିମୁଳି ଓ ବାଇପଶି ଅଞ୍ଚଳରେ ଚଢାଉ କରାଯାଇଥିଲା।

# ବକେୟା ବାଦ୍ ଦିଅ, ନଗଦ ବିଲ୍ ଆଦାୟ କର


ବୈଠକରେ ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।

- ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ ବୈଠକ
- ସଂଯୋଗ ବିଚ୍ଛିନ୍ନ ନ କରିବାକୁ ନିବେଦନ
- ଅଭିଯୋଗ ପ୍ରକୋଷ୍ଠ ଖୋଲିବାକୁ ପ୍ରସ୍ତାବ
- ମିଳିତ ବୈଠକ ଡାକିବାକୁ ପ୍ରଶାସନକୁ ଅନୁରୋଧ

**ଢେଙ୍କାନାଳ ଅଫିସ, ୧୭।୧**

ବକେୟା ବିଦ୍ୟୁତ୍ ବିଲ୍ ପୈଠ କରୁଥିବା ଉପଭୋକ୍ତାଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ସେସୁ। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଜିଲାର ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚ କାର୍ଯ୍ୟକାରୀ କମିଟିର ଏକ ଜରୁରୀ ବୈଠକ ସ୍ଥାନୀୟ ଗଣେଶ ବଜାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଯୋଗେନ୍ଦ୍ରନାଥ ତ୍ରିପାଠୀ ଅଧକ୍ଷତା କରିଥିଲେ। ବକେୟା ବିଦ୍ୟୁତ୍ ଦେୟକୁ ବାଦ୍ ଦେଇ ନଗଦ ବିଲ୍ ଆଦାୟ କରିବାକୁ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରାଯାଇଛି।

ଆଗକୁ ଛାତ୍ରୀଛାତ୍ରଙ୍କ ପରୀକ୍ଷା ରହିଛି। ବିଦ୍ୟୁତ୍ କାଟ ହେଲେ ସେମାନଙ୍କ ପାଠପଢ଼ା ପ୍ରଭାବିତ ହେବ। ସମ୍ପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ବଦଳରେ ଚଳିତ ମାସର ନଗଦ ବିଲ୍ ଆଦାୟ କରିବା ଦିଗରେ ସେସୁ ଯତ୍ନବାନ ହେଉ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ତ୍ରୁଟିପୂର୍ଣ୍ଣ ଉପାୟରେ ବିଲ୍ ଦେଇ ଜବରଦସ୍ତ ଟଙ୍କା ଆଦାୟକୁ ବରଦାସ୍ତ କରାଯିବନାହିଁ। ଏଥିରୁ ବିରତ ରହିବାକୁ ଚେତାବନୀ ଦିଆଯାଇଛି।

ତ୍ରୁଟିପୂର୍ଣ୍ଣ ବକେୟା ବିଲ୍‌ର ରିଭାଇଜ୍ କରିବା ଲାଗି ଅଭିଯୋଗ ପ୍ରକୋଷ୍ଠ ଖୋଲିବା, ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚର କର୍ମକର୍ତ୍ତାଙ୍କ ସହାୟତାରେ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ସମସ୍ୟାର ସମାଧାନ ଲାଗି ଆସନ୍ତା ୨୨ରେ ଜିଲାପାଳ, ସେସୁ, ଏନ୍‌ଜେନ୍ କର୍ମକର୍ତ୍ତା ଏବଂ ବିଦ୍ୟୁତ୍ ଉପଭୋକ୍ତା ସୁରକ୍ଷା ମଞ୍ଚର କର୍ମକର୍ତ୍ତାଙ୍କୁ ନେଇ ମିଳିତ ବୈଠକ ଡାକିବା ଲାଗି ପ୍ରଶାସନକୁ ଅନୁରୋଧ କରିବାକୁ ନିଷ୍ପତ୍ତି ହୋଇଛି।

ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା ଓକିଲ ସଂଘ ସଭାପତି ସଞ୍ଜୟ ମିଶ୍ର, ସମ୍ପାଦକ ଟଙ୍କଧର ବେହେରା, ଜଗତ ଉଦ୍ଧାର ମଞ୍ଚ ସଭାପତି ନବକିଶୋର ଗୁରୁ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ଆଇନଜୀବୀ ପତିତପାବନ ମିଶ୍ର, ସମରେନ୍ଦ୍ର ନନ୍ଦ, ବିକ୍ରମ କେଶରୀ ପାଣି, ରବିନାରାୟଣ ମହାନ୍ତି, ନିର୍ମଳ ମିଶ୍ର, ପ୍ରେମଶଙ୍କର ମିଶ୍ର, ଅଖିଳ ମହାପାତ୍ର, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । କାର୍ଯ୍ୟକାରୀ କମିଟି ସଦସ୍ୟ ଜିତେନ୍ଦ୍ର ପଟ୍ଟନାୟକ ବୈଠକ ପରିଚାଳନାରେ ସହାୟତା କରିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।

(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**

(i) ଗାଈ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।

(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।

(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।

(ii) ଏହା ଏକ ଲାଲ ମୃତ୍ତିକା।

(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**

(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।

(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।

(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ – ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।

(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।

**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।

(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**

(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।

(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B)(i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।

(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**

(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।

(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

3. (a)(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।

(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।

(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

4. (a)(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।

(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**

(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।

(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

❑❑❑

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ



ବଅଁରପାଳ,୧୭ା୧(ଡି.ଏନ.ଏ.)- ବଅଁରପାଳ ବାଦୁଡିସାହିରେ ଶୁକ୍ରବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ହୋମଯଜ୍ଞ, ନାମସଂକୀର୍ତ୍ତନ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଅଁରପାଳ ପୁରୁଣାଗଡ଼, ଝଜିରୀ ବାହାଲ, ଝଙ୍କଡ଼ପଡ଼ା, ନରେନ୍ଦ୍ରପୁର ସମେତ ଆଖପାଖ ଅଞ୍ଚଳରୁ ୧୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଶନିବାର ଏହି କାର୍ଯ୍ୟକ୍ରମ ଉଦଯାପିତ ହେବ। କୃତାର୍ଥ ସେନାପତି, ରମେଶଚନ୍ଦ୍ର ପରିଡା, ସତ୍ୟାନନ୍ଦ ସେନାପତି, ବିଷ୍ଣୁଚରଣ ସେନାପତି, ଦୁଃଖବନ୍ଧୁ ପରିଡ଼ା, ହରିହର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ସଚେତନ ହେଲେ ଦୁର୍ଘଟଣା ରୋକାଯାଇ ପାରିବ

**ଅନୁଗୋଳ ଅଫିସ, ୧୭ା୧**

ରାସ୍ତା ଦୁର୍ଘଟଣାର ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରି ଲୋକମାନଙ୍କ ଧନଜୀବନ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ଟ୍ରକ୍ ମାଲିକ ସଂଘ ସଭାଗୃହଠାରେ ୩୧ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଚଳିତମାସ ୧୧ ତାରିଖରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ପାଳନ ହେଉଥିବା ଏହି ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୭ ଜଣ ଶ୍ରେଷ୍ଠ ସମାରିଟାନ୍ ଓ ୨ ଜଣ ଶ୍ରେଷ୍ଠ ଚାଳକଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଲୋକମାନେ ସଚେତନ ହେଲେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ଅତିରିକ୍ତ ଜିଲାପାଳ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବସ୍ ମାଲିକ ସଂଘ ସଭାପତି ମାନସ ସାମଲ, ସମ୍ପାଦକ ରାଜୁ ମିଶ୍ର, ଟ୍ରକ୍ ମାଲିକ ସଂଘ ଉପସଭାପତି ପ୍ରମୋଦ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ସ୍ୱରାଜ କୁମାର ସାହୁ, କ୍ୟାଶିୟର ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଟ୍ରାଫିକ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ନିୟମିତ ରାସ୍ତା ମରାମତି ଉପରେ ଗୁରୁତ୍ୱ ଦେଇଥିଲେ।

■ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

■ସମ୍ବର୍ଦ୍ଧିତ ହେଲେ ୧୭ ସମାରିଟାନ୍, ୨ ଚାଳକ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସନୀ ଅତିଥିମାନେ।

ପ୍ରାରମ୍ଭରେ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ ଏହି ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୭ ଜଣ ଶ୍ରେଷ୍ଠ ସମାରିଟାନ୍ ଦୁର୍ଘଟଣାଗ୍ରସ୍ତଙ୍କୁ ଆଣି ଡାକ୍ତରଖାନାରେ ପହଞ୍ଚାଇଥିବାରୁ ସେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଜିଲା ଟ୍ରକ୍ ମାଲିକ ସଂଘ, ବସ୍ ମାଲିକ ସଂଘ, ଅଟୋରିକ୍ସା ମାଲିକ ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନ ଓ ବିଶେଷକରି ବିଭିନ୍ନ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ୨ ଜଣ ଶ୍ରେଷ୍ଠ ଗାଡ଼ି ଚାଳକ କାଙ୍ଗୁଲାର ଘନଶ୍ୟାମ ଦାସ ଓ କତଡ଼ାର ପ୍ରବୀର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଲାୟନ୍ସ କ୍ଲବ ଅନୁଗୋଳ, ଟ୍ରକ୍ ଓ ବସ୍ ମାଲିକ ସଂଘ ସହାୟତାରେ ଗାଡ଼ି ଚାଳକ ଓ ହେଲପରମାନଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିବାବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଗାଡ଼ି ଚାଳକ, ହେଲପର, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବସ୍, ଟ୍ରକ୍ ଓ ଅଟୋରିକ୍ସା ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ପଞ୍ଚାୟତ ସମିତିର ସାଧାରଣ ବୈଠକ

**କଣିହାଁ,୧୭ା୧(ଡି.ଏନ.ଏ.)**

କଣିହାଁ ବ୍ଲକ ପଞ୍ଚାୟତ ସମିତିର ସାଧାରଣ ବୈଠକ ଶୁକ୍ରବାର ପବିତ୍ରମୋହନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷା ତ୍ରିପୁରାରୀ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ସାହୁ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି କୈଳାସ ସାହୁ, ବିଡିଓ ରମେଶ କୁମାର ଜେନା ଯୋଗଦେଇ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାର ନିର୍ବାଚିତ ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାହିଁକି ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ ଅଧିକାରୀ, ଉଦ୍ୟାନ ବିଭାଗ ସମେତ ଅନ୍ୟମାନେ ବୈଠକରେ ଯୋଗଦାନ କରୁନାହାନ୍ତି ସେ ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ପ୍ରଶ୍ନ କରିଥିଲେ। ପରେ ରେଗୁଲେଶନକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କୁ ଅବଗତ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ବିଡିଓ ଜେନା କହିଛନ୍ତି, ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସମାଧାନ ପାଇଁ ଚିଠି କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।




ବୈଠକରେ ଉପସ୍ଥିତ ଅତିଥିମାନେ।

# ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନୂତନ ଅଦାଲତ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୭ା୧**

ଅନୁଗୋଳ ଜିଲା କୋର୍ଟର ଦ୍ୱିତୀୟ ମହଲାରେ ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ ନୂତନ କୋର୍ଟକୁ ଶୁକ୍ରବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଚିତ୍ତରଞ୍ଜନ ଦାଶ, ବିଚାରପତି ବିଶ୍ୱନାଥ ରଥ ଉଦ୍‌ଘାଟନ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଏହା ଏକ ଅଭିନବ ପଦକ୍ଷେପ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାଶ, ପରିବାର ଅଦାଲତର ବିଚାରପତି ସୌମେନ୍ଦ୍ର ରାଜଗୁରୁ, ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଭାକର ଗଣ୍ଡିଆ, ସିଭିଲ୍ କୋର୍ଟର ରେଜିଷ୍ଟ୍ରର ବାସୁଦେବ ଆଚାର୍ଯ୍ୟ, ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ବାର୍ ଆସୋସିଏଶନ୍ ସଭାପତି ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ହିମାଂଶୁ ସାମଲଙ୍କ ସମେତ ବାର ଆସୋସିଏଶନ୍‌ର ସଦସ୍ୟା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସମ୍ମୁଖରେ ନୂତନ ଅଦାଲତର ଅତିରିକ୍ତ ଜିଲା ଓ ଦୌରାଜଜ୍ ସୌମ୍ୟକ ପାତ୍ର ପ୍ରଥମ ମକଦ୍ଦମାର ଶୁଣାଣି କରିଥିଲେ।



## ୨ ବାଇକ୍ ଧକ୍କା, ଜଣେ ମୃତ

**ଛେଣ୍ଡିପଦା,୧୭ା୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କୋଶଳା ଚନ୍ଦନନଗରରୁ ଜରପଡା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ବରପଦା ଛକ ନିକଟରେ ଶୁକ୍ରବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଝିଣ୍ଟିପାଳ ଗ୍ରାମର ଦୀପକ ଗୋଚ୍ଛାୟତଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି।

ପୋଲିସ କହିଛି, ଦୀପକ ବାଇକ୍ (ନଂ.ଓଡି ୧୯ସି-୪୯୧୫)ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ସେହି ଗ୍ରାମର ଚନ୍ଦନ ମାଝିଙ୍କ ବାଇକ୍ (ନଂ.ଓଡି୩୫-୨୨୭୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୀପକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ଚନ୍ଦନ ଓ ତାଙ୍କ ବାଇକ୍‌ରେ ବସିଥିବା ୨ ଜଣ ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ୩ଜଣଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନିଶା ଶିଳ୍ପାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୧୭/୨୦ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ଠକଙ୍କୁ କୌଣସି ତଥ୍ୟ ଦିଅନାହିଁ

**ଅନୁଗୋଳ ଅଫିସ, ୧୭ା୧**

ଦିନକୁ ଦିନ ସାଇବର ଠକେଇ ବଢୁଥିବାରୁ ଏ ନେଇ ଲୋକଙ୍କୁ ସଚେତନ କରିବାକୁ ଅନୁଗୋଳ ପୋଲିସ ପକ୍ଷରୁ ଶୁକ୍ରବାର ଆଦର୍ଶ କଲେଜ୍ ଅଫ୍ ଇଞ୍ଜିନିୟରିଂ କଲେଜରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, କଲେଜର ଚେୟାରମ୍ୟାନ ମହେଶ ଚନ୍ଦ୍ର ଧଳ, ଡାଇରେକ୍ଟର ଡ. ପ୍ରକାଶଚନ୍ଦ୍ର ଧଳ, ପ୍ରଶାସନିକ ଅଧିକାରୀ ଅବନୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ସାଇବର କ୍ରାଇମ ସମ୍ପର୍କରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ସଚେତନ କରିଥିଲେ। ସାଇବର ଲୁଟେରାମାନେ ବ୍ୟାଙ୍କ ଏଟିଏମ୍ ନଂ, ପାସ୍‌ୱାର୍ଡ ସହ ମୋବାଇଲକୁ ଆସୁଥିବା ଓଟିପି ନମ୍ବର ମାଗି ଆକାଉଣ୍ଟରୁ ଟଙ୍କା ଉଠାଇ ନେଉଛନ୍ତି। ତେଣୁ ଏପରି କେଉଁଠୁ ଫୋନ୍ ଆସିଲେ ତାହାକୁ ଗୁରୁତ୍ୱ ନ ଦେବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ବ୍ୟାଙ୍କ ପକ୍ଷରୁ କୌଣସି ଗ୍ରାହକଙ୍କୁ ଏପରି ଭାବେ ନମ୍ବର ମଗାଯାଏ ନାହିଁ ବୋଲି ପୋଲିସ ପକ୍ଷରୁ ସଚେତନ କରାଯାଇଥିଲା। ସେହିପରି ଅଶ୍ଳୀଳ ଫଟୋ ଓ ଭିଡିଓ ମଧ୍ୟ ସାଇବର ଠକମାନେ ତିଆରି କରି ବିଭିନ୍ନ ମୋବାଇଲ, ଇ-ମେଲରେ ଛାଡୁଛନ୍ତି। ତେଣୁ ଫୋନ୍‌ରେ କୌଣସି ଅଶ୍ଳୀଳ ଫଟୋ କି ଭିଡିଓ ନ କରିବାକୁ ଛାତ୍ରୀଛାତ୍ରଙ୍କୁ ଏସ୍‌ପି ମୀନା ପରାମର୍ଶ ଦେଇଥିଲେ। ଆଦର୍ଶ କଲେଜ୍ ଅଫ୍ ଇଞ୍ଜିନିୟରିଂର ପ୍ରିନ୍ସିପାଲ ଏ.କେ. ସିଂହ ଶିବିର ପରିଚାଳନା କରିଥିବାବେଳେ ଲୋକସମ୍ପର୍କ ଅଧିକାରୀ ବଂଶୀଧର ମିଶ୍ର ଧନ୍ୟବାଦ ଦେଇଥିଲେ।



ସାଇବର ସଚେତନ ଶିବିରରେ ଅଧିକାରୀମାନେ।

**ଛାତ୍ରୀଛାତ୍ରଙ୍କୁ ସଚେତନ କଲା ପୋଲିସ**

# ଆଶା ତାଲିମ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଆଶାକର୍ମୀଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା,୧୭ା୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଚାଲିଥିବା ଆଶା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱ ଯୁବକେନ୍ଦ୍ର ସମ୍ପାଦିକା ନମିତା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା, ପାଟକମୁଣ୍ଡା, ଟାଙ୍ଗିରି, ସାପେଇନାଳୀ ଆଦି ପଞ୍ଚାୟତର ୨୭ ଜଣ ଆଶା କର୍ମୀ ତାଲିମ ନେଇଥିଲେ। ଏଥିରେ କେଳୁଚରଣ ଜେନା, ଡ. ମଞ୍ଜୁଶ୍ରୀ ଧଳ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଧୀରେନ କୁମାର ପ୍ରଧାନ ଯୋଗଦେଇ ଆଶାକର୍ମୀମାନେ ଗର୍ଭବତୀ ମହିଳାଙ୍କ ପ୍ରତି କିଭଳି ଯତ୍ନବାନ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଚାପି ହୋଇ ମହିଳା ମୃତ

**ବଇଣ୍ଡା,୧୭ା୧(ଡି.ଏନ.ଏ.)**

ହଣ୍ଡପା ଥାନା ବଇଣ୍ଡା ଗ୍ରାମରେ ଥିବା ଏକ ତେଲ ମିଲ୍‌ରେ ଚାପି ହୋଇ ଠାକୁରଗଡ଼ ଥାନା ଲକ୍ଷ୍ମୀପୁର ଗ୍ରାମର ଅମ୍ବୁ ଦେହୁରୀଙ୍କ ମୃତ୍ୟୁ ହୋଇଛି। ସେ ତେଲ ପେଡ଼ିବାକୁ ଆସିଥିବାବେଳେ ମେଶିନ ବେଲ୍ଟରେ ଚାପି ହୋଇ ପ୍ରାଣ ହରାଇଥିଲେ। ଖବରପାଇ ହଣ୍ଡପା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୧/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆମ ଗପଘରର ପ୍ରଥମ ଅଧିବେଶନ



ଅଧିବେଶନରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

**ତାଳଚେର,୧୭ା୧(ନି.ପ୍ର.)**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ତାଳଚେରର ସାରସ୍ୱତ ଅନୁଷ୍ଠାନ ଆମ ଗପଘରର ପ୍ରଥମ ଅଧିବେଶନ ନାଲ୍‌କୋ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗପଘରର ଆବାହକ ଗାଳ୍ପିକ ରାଜୀବ ଗୋପାଳ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ମୁକୁନ୍ଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କ କାଳଜୟୀ ସୃଷ୍ଟିଗୁଡିକ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡାଙ୍କ ଚଳିତ ନନ୍ଦିକା ପତ୍ରିକାରେ ପ୍ରକାଶିତ ଗଳ୍ପ ଉପରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ଦ୍ୱିପ୍ତୀମୟୀ ବିଶ୍ୱାଳ, ଶିପୁନ ଜେନା, ମୁକୁନ୍ଦ ଶତପଥୀ, ରାଜୀବ ଗୋପାଳ ସ୍ୱାଇଁ, ତୋଫାନ ଜେନା, ରସାନନ୍ଦ ଥାଟୋଇ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥିଲେ। ଲକ୍ଷ୍ମୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୭ା୧**

ଅନୁଗୋଳ ମିଶ୍ରପଡ଼ାଠାରେ ଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଗ୍ରୀନ୍ ଅନୁଗୋଳ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରଦର୍ଶନୀକୁ ଅନୁଗୋଳ ବନଖଣ୍ଡର ଡିଏଫଓ ଭି. କାର୍ତ୍ତିକ ଓ ଅନୁଗୋଳ କଲେଜ ଅଧ୍ୟକ୍ଷ ଉଦୟନାଥ ବେହେରା ଉଦ୍‌ଘାଟନ କରିଥିଲେ। ଗ୍ରୀନ ଅନୁଗୋଳର ମୁଖ୍ୟ ଡାକ୍ତର ଦେବାଶିଷ ପ୍ରଧାନ, ସାମାଜିକ କର୍ମୀ ଦେବାଶିଷ ପଟ୍ଟନାୟକ, ଯୋଗାଚାର୍ଯ୍ୟ ଅଭୟ ରାୟ, ରାଜେନ୍ଦ୍ର ପ୍ରଧାନ, ପ୍ରସନ୍ନ କୁମାର ବେହେରା, ପ୍ରଦୀପ ପ୍ରଧାନ, ଦିଲୀପ କୁମାର ଦାସ, ସୁବୋଧ ଦେହୁରୀ, ଧୀରେନ ପଣ୍ଡା, ହୃଦାନନ୍ଦ ମୁଦୁଲି, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ଅନୁଗୋଳରେ ଥିବା ବିଭିନ୍ନ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ଅପରାହ୍ନ ୩ଟାରେ ପୁଷ୍ପ ପ୍ରଦର୍ଶନୀ ସ୍ଥାନରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବାର ବ୍ୟବସ୍ଥା କରାଯାଇଛି।



ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ପରିଦର୍ଶନ ପାଇଁ ଆସିଥିବା ପିଲାମାନେ।

# ‘ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ’

**ତାଳଚେର,୧୭ା୧(ନି.ପ୍ର.)**

ତାଳଚେର ଥର୍ମାଲ ଡିଏଭି ହାଏର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତାଳଚେର ଥର୍ମାଲର ଜିଜିଏମ୍ ଡି.ଏନ. ତିୱାରୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ତପସ୍ୱିନୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଜିଏମ୍ ଏଲିୟସ ଟପ୍ପୋ, ସିନିୟର ମ୍ୟାନେଜର ବିଜୟ କୁମାର, ଡିଏଭି ସ୍କୁଲ ଅଧ୍ୟକ୍ଷ ନିଶିକାନ୍ତ କର, ଡିଏଭି ହାଇସ୍କୁଲ ପ୍ରଧାନଶିକ୍ଷକ ଶୁଭେନ୍ଦୁ ବୋଷ, କଳିଙ୍ଗ ଡିଏଭିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଭୋଇ, ଜଗନ୍ନାଥ ଡିଏଭି ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ, ସବିତା ପୂଜାରୀ, ଗଡତଳ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ, ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଗତ ୨୦୧୯ କାଉନସିଲ ପରୀକ୍ଷାରେ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା କଳା ଓ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନଙ୍କୁ ଲାପଟପ ପ୍ରଦାନ କରାଯାଇଥିଲା। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ସୁଦ୍ରା ପରିଡାଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ଘୋଷଣା ସହ ପୁରସ୍କୃତ କରାଯାଇ ଥିଲା। ଓଡିଆ ଶିକ୍ଷକ ସୁବାସଚନ୍ଦ୍ର ପାଣିଗ୍ରାହୀ, ପ୍ରାଣୀ ବିଜ୍ଞାନ ବିଭାଗ ଶିକ୍ଷକ ରଘୁନାଥ ବାରିକ, କର୍ମଚାରୀ କାର୍ତ୍ତିକ ସାମଲଙ୍କୁ ସମ୍ମାନିତ କରାଯାଇ ଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

**ସଂକ୍ଷେପରେ**

## ନାବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଢେଙ୍କିକୋଟ, ୧୭।୧(ଡି.ଏନ.ଏ.)-** ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଲିଆ ପଞ୍ଚାୟତ ଦାଣ୍ଡିପଶି ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ନାୟକଙ୍କ ପୁଅ ରଣଜିତ (୧୫)ଙ୍କ ଗୁରୁବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ରାତିରେ ହଠାତ୍ ତାଙ୍କର ପେଟବ୍ୟଥା ହେବା ସହ ମୁଣ୍ଡ ବୁଲାଉଥିବା ସେ ଘର ଲୋକଙ୍କୁ କହିଥିଲେ। ତାଙ୍କୁ ତୁରନ୍ତ କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା, କନଷ୍ଟେବଲ ସୁଶୀଲ କୁମାର ମହାନ୍ତ ଶୁକ୍ରବାର ପୂର୍ବାହ୍ନ ୧୦ଟାବେଳେ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୦) ରୁଜୁ ହୋଇ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡ଼ିବ ବୋଲି ତଦନ୍ତକାରୀ ଫାଣ୍ଡି ଅଧିକାରୀ କହିଛନ୍ତି।

# ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ପାଲଲହଡା, ୧୭।୧(ଡି.ଏନ.ଏ.)**



- ଖାଲି ପଡ଼ିଛି ୧୩ ଡାକ୍ତର ପଦବୀ
- ଇସିଜି ଏବଂ ଏକ୍ସ-ରେ ମେଶିନ ଅଚଳ
- ଜଣେ ଟେକ୍ନିସିଆନରେ ଚାଲିଛି ଚକ୍ଷୁ ବିଭାଗ

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ନ ଥିବାବେଳେ କେତେକ ମେଶିନ ଅଚଳ ଅବସ୍ଥାରେ ରହିଛି। ଫଳରେ ଦୈନିକ ଏଠାକୁ ଆସୁଥିବା ଶତାଧିକ ରୋଗୀ ଉନ୍ନତ ଚିକିତ୍ସା ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ରୋଗୀଙ୍କୁ ଶହେ କିମି ଦୂର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ପଡୁଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି।

୬୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ୨୦ ଡାକ୍ତର ପଦବୀ ଥିବାବେଳେ ବର୍ତ୍ତମାନ ୧୩ଟି ପଦବୀ ଖାଲିପଡିଛି। ଜଣେ ବିଶେଷଜ୍ଞ ଡାକ୍ତର, ୨ ଜଣ ଠିକା ଡାକ୍ତର ଏବଂ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ମିଶାଇ ମାତ୍ର ୭ ଜଣ ଡାକ୍ତର ଅଛନ୍ତି। ଦୀର୍ଘବର୍ଷରୁ ଶିଶୁରୋଗ, ଦନ୍ତରୋଗ, ଶଲ୍ୟ, ଭେଷଜ, ଚକ୍ଷୁ ଆଦି ବିଭାଗ ଗୁଡିକରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ୨୦୦୭ରୁ ତତ୍କାଳୀନ ଏକ୍ସ-ରେ ଏବଂ ଇସିଜି ଟେକ୍ନିସିଆନ ଅବସର ଗ୍ରହଣ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନୂତନ ନିଯୁକ୍ତି ହୋଇନାହିଁ। ଫଳରେ ବହୁ ବର୍ଷ ଧରି ଏକ୍ସ-ରେ ଏବଂ ଇସିଜି ମେଶିନ ପଡ଼ିରହି ଅଚଳ ହୋଇପଡ଼ିଛି। ଡାକ୍ତରଖାନାରେ ମୋଟ୍ ୮ ଷ୍ଟାଫ ନର୍ସ ପଦବୀ ଥିବାବେଳେ ଏବେ ଅଛନ୍ତି ୪ ଜଣ। ୩ ଫାର୍ମାସିଷ୍ଟରୁ ୨ ଜଣରେ କାର୍ଯ୍ୟ ଚାଲିଛି। ପ୍ରାୟତଃ ସବୁ ବିଭାଗରେ ଅଧାରୁ ଅଧିକ କର୍ମଚାରୀ ପଦବୀ ଖାଲି ପଡ଼ିଛି। ସରକାରଙ୍କ ନିରାମୟ ଯୋଜନାରେ ଔଷଧ ବିତରଣଠାରୁ ନିଦାନ ଯୋଜନାରେ ରୋଗ ନିରୂପଣ ଆଦି ସବୁଠି ଏପରି ଅବ୍ୟବସ୍ଥା ଦେଖାଦେଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଗତବର୍ଷ ଏହି ଚିକିତ୍ସାଳୟକୁ ଏକ ମହାପ୍ରୟାଣ ଗାଡି ଏବଂ ଦନ୍ତ ଚିକିତ୍ସା ପାଇଁ ସମସ୍ତ ଉପକରଣ ଯୋଗାଇ ଦେଇଥିଲେ। ହେଲେ ଗାଡ଼ି ଚାଳକ ଏବଂ ଦନ୍ତ ଡାକ୍ତର ନ ଥିବାରୁ ତାହା କାମରେ ଲାଗୁନି। ପାଲଲହଡା ଉପଖଣ୍ଡ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଥିବାବେଳେ ପ୍ରତିଦିନ ଦୁର୍ଘଟଣାଗ୍ରସ୍ତ ଡାକ୍ତରଖାନାକୁ ଆସୁଛନ୍ତି। କିନ୍ତୁ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ଅଭାବରୁ ସେମାନଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇଦେବା ସମ୍ଭବ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ନାୟକ କହିଛନ୍ତି, ମେଡିକାଲରେ ଡାକ୍ତର ପଦବୀ ଖାଲିପଡ଼ିଛି। ବିଭିନ୍ନ ସମୟରେ ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

# ୩ କୋଠରିରେ ଚାଲିଛି ୮ ଶ୍ରେଣୀ



ଗୋଟିଏ କୋଠରିରେ ୫ଟି ଶ୍ରେଣୀର ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି।

**ବଆଁରପାଳ, ୧୭।୧ (ଡି.ଏନ୍.ଏ.)**

ବଆଁରପାଳ ବ୍ଲକ କଲଣ୍ଡାପାଳ ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ବର୍ତ୍ତମାନ ୩ଟି କୋଠରିରେ ୮ଟି ଶ୍ରେଣୀର ଛାତ୍ରୀଛାତ୍ର ପଢୁଥିବା ଅଭିଯୋଗ ହେଉଛି। ଏଥିସହ ଆବଶ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହେଉଛି। ଏଠାରେ ପଢୁଥିବା ୮୫ ଜଣଙ୍କ ମଧ୍ୟରୁ ୪୩ ଛାତ୍ରୀ ହୋଇଥିବାବେଳେ ୪୨ ଜଣ ଛାତ୍ର ଅଛନ୍ତି। ତେବେ ଗୋଟିଏ କୋଠରିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲା ପଢୁଥିବା ବେଳେ ଅନ୍ୟ ଏକ କୋଠରିରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଏବଂ ବାକି ଏକ କୋଠରିରେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି। ସେହିପରି ମାତ୍ର ୩ ଜଣ ଶିକ୍ଷକ ଏଠାରେ ଶିକ୍ଷାଦାନ କରୁଛନ୍ତି। ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ପଢ଼ାଉଥିବା ବେଳେ ଅନ୍ୟ ଦୁଇ ଜଣ ଷଷ୍ଠରୁ ଅଷ୍ଟମ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି। ଶ୍ରେଣୀଗୃହ ଗୁଡ଼ିକର ଅବସ୍ଥା ମଧ୍ୟ ଭଲ ନାହିଁ। କବାଟ ଓ ଝରକା ଭାଙ୍ଗିଯାଇଥିବାବେଳେ ଘରର କଡ଼ି ଉଇ ଖାଇଗଲାଣି। ବର୍ଷା ଦିନେ ଶ୍ରେଣୀ ଗୃହରେ ପାଣି ଗଳୁଥିବା ନଜିର ରହିଛି। ବିପଦସଙ୍କୁଳ ଗୃହରେ ଛାତ୍ରୀଛାତ୍ରମାନେ ପଢୁଥିବାରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ଶୃଙ୍ଖଳିତ ହେଲେ ସଫଳତା ଆପେ ମିଳିବ

**ପାଲଲହଡା, ୧୭।୧(ଡି.ଏନ.ଏ.)**



ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡର ସର୍ବପୁରାତନ ମହତାବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ କହିଲେ, ଜୀବନରେ ଶୃଙ୍ଖଳିତ ହେଲେ ସଫଳତା ଆପେ ମିଳିବ। ତେଣୁ ଭଲ ପାଠପଢି ବିଦ୍ୟାଳୟର ଟେକ ରଖିବାକୁ ବିଧାୟକ ପାଲ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଅଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାହୁ, ବରିଷ୍ଠ ଶିକ୍ଷକ ବନେଶ୍ୱର ପାଲ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାମୟୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ସ୍ତ୍ରୀ ଗୁରୁତର, ସ୍ୱାମୀ ଓ ପୁଅ ଆହତ

**କେନ୍ଦୁଝର, ୧୭।୧(ସ୍ୱ.ପ୍ର.)**

ସଦର ଥାନା ଶଂକିରୀ ଗ୍ରାମ ନିକଟରେ ଶୁକ୍ରବାର ଦୁଇଟି ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ସ୍ତ୍ରୀ ଗୁରୁତର ହୋଇଥିବାବେଳେ ସ୍ୱାମୀ ଓ ପୁଅ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଅନ୍ୟ ବାଇକ ଆରୋହୀ ସେଠାରୁ ଫେରାର ହୋଇଯାଇଛନ୍ତି। ପ୍ରକାଶଯେ, କେନ୍ଦୁଝର ସଦର ବ୍ଲକ ଜଡ଼ିପଦା ଗ୍ରାମର ଲକ୍ଷ୍ମୀଧର ନାଏକ, ସ୍ତ୍ରୀ ସ୍ନେହଲତା, ପୁଅ ଓମପ୍ରକାଶ ଏକ ଶୁଦ୍ଧି କାର୍ଯ୍ୟରେ ଯାଇଥିଲେ। ଏମାନେ ଘରକୁ ଫେରୁଥିବାବେଳେ ରେଙ୍ଗାଳବେଡ଼ା ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ ଧକ୍କା ତାଙ୍କୁ ଦେଇଥିଲା। ଫଳରେ ସେମାନେ ରାସ୍ତା ତଳେ ପଡ଼ି ଯାଇଥିଲେ। ଏଥିରେ ସ୍ନେହଲତା ଗୁରୁତର ଆହତ ହୋଇଥିଲେ। ସେହି ରାସ୍ତାରେ ଆସୁଥିବା ଜଣେ ବ୍ୟକ୍ତି ଆହତଙ୍କୁ କାର୍ ଯୋଗେ ନେଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି।

## ଦୁର୍ଘଟଣାରେ ଗାଡ଼ି ଚାଳକ ଗୁରୁତର

**କେନ୍ଦୁଝର, ୧୭।୧(ସ୍ୱ.ପ୍ର.):** କେନ୍ଦୁଝର ସହର ନିହାଲସିଂଙ୍କ ଛକ ନିକଟରେ ଗୁରୁବାର ରାତି ୧୦ରେ ଏକ ଟାଟା ଏସିଇ ଭାରସ୍ୟାମ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକ ବାଡ଼ା ଗ୍ରାମର ରାମ ମଲ୍ଲିକ(୨୩) କୌଣସି କାମରେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ବିଦ୍ୟୁତ୍ ଖୁଣ୍ଟରେ ଗାଡ଼ିକୁ ପିଟି ଦେଇଥିଲେ।

# ଲକ୍ଷ୍ୟଧାର୍ଯ୍ୟ ପୂରଣ ନେଇ ଆଶଙ୍କା

**ବଆଁରପାଳ, ୧୭।୧ (ଡି.ଏନ୍.ଏ.)**



ଅନୁଗୋଳ ଜିଲା ବଆଁରପାଳ ବ୍ଲକରେ ଚଳିତ ରବି ଋତୁରେ ଲକ୍ଷ୍ୟଧାର୍ଯ୍ୟ ଅନୁସାରେ ଫସଲ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ରବି ଋତୁ ଶେଷ ହେବାକୁ ଆଉ କିଛି ମାସ ଥିବାବେଳେ ଏବେ ବି ବହୁ ଜମି ପଡ଼ିଆ ପଡ଼ିଛି।

ପ୍ରକାଶ ଯେ, ଚଳିତ ଋତୁରେ ୧୧ ହଜାର ୪୮୧ ହେକ୍ଟର ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ ହଜାର ୮୨୭ ହେକ୍ଟରରେ ଫସଲ ହୋଇଛି। ୪୦ ହେକ୍ଟରରେ ଧାନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏପର୍ଯ୍ୟନ୍ତ ଧାନ ଚାଷ ଆଦୌ ହୋଇ ନ ଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ସେହିପରି ୧ ହେକ୍ଟରରେ ଗହମ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲେ ହେଁ ଫସଲ ହୋଇପାରିନାହିଁ। ୫ ହଜାର ୬୫୯ ହେକ୍ଟରରେ ଡାଲି ଜାତୀୟ, ୧୨ ଶହ

**୭,୮୨୭ ହେକ୍ଟରରେ ରବି ଫସଲ**

୮୧ ହେକ୍ଟରରେ ତୈଳବୀଜ, ୩୨ ଶହ ୧୮ ହେକ୍ଟରରେ ପରିବା, ୧୨ ଶହ ୮୨ ହେକ୍ଟରରେ ମସଲା ଜାତୀୟ ଫସଲ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅକ୍ଟୋବରରୁ ମାର୍ଚ୍ଚ ମଧ୍ୟରେ ଏହି ଜାତୀୟ ଫସଲ ହେବା କଥା। କିନ୍ତୁ ରବି ଋତୁ ସରିବାକୁ ଆଉ ୨ ମାସ ଥିବାବେଳେ ବହୁ ସ୍ଥାନରେ ଧାନ ଫସଲ ହୋଇ ନ ଥିବା ଜଣାପଡ଼ିଛି। ସେହିପରି କୃଷି ସମବାୟ ସମିତିଗୁଡ଼ିକୁ ଆବଶ୍ୟକ ପରିମାଣର ବିହନ ଆସିପାରିନାହିଁ। ଫଳରେ ଚାଷୀମାନେ ନିଜ ଖର୍ଚ୍ଚରେ ହାଟ ଓ ବଜାରରୁ ବିହନ କିଣିବା ସହିତ ସାଇତି ରଖିଥିବା ପୁରୁଣା ବିହନକୁ ବ୍ୟବହାର କରି ଚାଷ କାର୍ଯ୍ୟରେ ଲଗାଇଛନ୍ତି। ଏ ସମ୍ପର୍କରେ ବଆଁରପାଳ କୃଷି ଅଧିକାରୀ ସୁମନ୍ତ କୁମାର ନାୟକ କୁହନ୍ତି, ୧୧ ହଜାର ୪୮୧ ହେକ୍ଟରରେ ଫସଲ କରିବାର ଲକ୍ଷ୍ୟଧାର୍ଯ୍ୟ ରହିଛି। କିନ୍ତୁ ଧାନ ଓ ଗହମ ଚାଷ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ୭ ହଜାର ୮୨୭ ହେକ୍ଟର ଜମିରେ ଫସଲ ହୋଇଛି।

# ଗୁରୁ-ଶିଷ୍ୟ ସମ୍ପର୍କ ନିବିଡ଼ ହେଉ

**ବଇଣ୍ଡା, ୧୭।୧(ଡି.ଏନ.ଏ.)**



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ପୂର୍ବଭଳି ବିଦ୍ୟାଳୟଗୁଡ଼ିକରେ ଗୁରୁ-ଶିଷ୍ୟ ସମ୍ପର୍କ ନିବିଡ଼ ହେବା ଆବଶ୍ୟକ। ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାର ବିକାଶ ହେବ ବୋଲି ବୁଧବାର କିଶୋରନଗର ବ୍ଲକ ଖଣ୍ଡହତା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ମୁଖ୍ୟବକ୍ତା ଭାବେ କିଶୋରନଗର ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ଅର୍ଜ୍ଜୁନ ପାଣ୍ଡେ, ଧଉରାପାଲି ସରପଞ୍ଚ ପ୍ରତିଭା ପ୍ରଧାନ, ବିଦ୍ୟାଳୟ ପରିଚାଳନା ସଭାପତି ପୌଲଶ୍ରୀ ପ୍ରଧାନ, ସୁଜତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆଠମଲ୍ଲିକରେ ମକର ଯାତ୍ରା

**ଆଠମଲ୍ଲିକ, ୧୭।୧(ଡି.ଏନ.ଏ.)**



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବିଭିନ୍ନ ଗ୍ରାମ ଶିବ ମନ୍ଦିରରେ ମକର ଯାତ୍ରା ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବଘୁଆକଟା ଶିବ ମନ୍ଦିରରେ ବାବା ଭୁବନେଶ୍ୱରଙ୍କ ମକର ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ମହିଳାମାନେ ଏକ କଳସଯାତ୍ରାରେ ମହାନଦୀରୁ ଜଳ ଆଣି ଶିବଙ୍କୁ ଲାଗି କରିଥିଲେ। ସେହିପରି କୁଟେଶ୍ୱର ଗ୍ରାମର ମହିଳାମାନେ ମଧ୍ୟ ମହାନଦୀରୁ ଜଳ ଆଣି ଶିବଙ୍କଠାରେ ଲାଗି କରିଥିଲେ। ବଘୁଆକଟା ମନ୍ଦିରରେ ମକର ଯାତ୍ରା ପାଳିତ ହୋଇଛି। ରାତିରେ ଅପେରା ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜ୍ଜୁନ ସାହୁ ଯୋଗ ଦେଇଥିଲେ। ଦେଉଳୀ ଗ୍ରାମ ଶିବ ମନ୍ଦିରରେ ମକର ଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

**ବଇଣ୍ଡା, ୧୭।୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରତିମା ବାଘ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କଲ୍ୟାଣୀ ମିଶ୍ର, ସରୋଜ ଦାସ, ତରୁଣ ପ୍ରଧାନ, ସରୋଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାର ଦୌଡ଼, ଲମ୍ଫଡ଼ିଆଁ, ଉଚ୍ଚଡିଆଁ ଆଦି ଅନେକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। କଲେଜର ୨୦୦ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଖେଳ ଅଧ୍ୟାପକ ଚକ୍ରଧର ପ୍ରଧାନ ପରିଚାଳନା କରିଥିଲେ।

# ଆଗେଇପାରିନି ଟ୍ରାଙ୍କୁଲାଇଜ୍ ଅପରେଶନ

**ବନ୍ତଲା, ୧୭।୧(ଡି.ଏନ.ଏ.)**



ଟିକରପଡ଼ାରେ ବନ ବିଭାଗ ଅଧିକାରୀମାନେ।

- ମହେନ୍ଦ୍ରକୁ ଅଣାଯାଇପାରିନି
- ବିକଳ୍ପ ଯୋଜନାରେ ବନ ବିଭାଗ

ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅଞ୍ଚଳରେ ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ କରିବା ପାଇଁ ଶୁକ୍ରବାରଠାରୁ ଅପରେଶନ ଆରମ୍ଭ ହେବାକୁ ଥିଲେ ହେଁ ପ୍ରଥମ ଦିନରେ କାର୍ଯ୍ୟ ସେପରି କିଛି ଆଗେଇପାରି ନାହିଁ। କାରଣ ସାତକୋଶିଆ ଅଭୟାରଣ୍ୟ ଟିକରପଡାରେ ଥିବା କୁମ୍‌କୀ ହାତୀ ମହେନ୍ଦ୍ରକୁ ଅଣାଯାଇପାରି ନ ଥିବାରୁ ଏବେ ବିକଳ୍ପ ଯୋଜନାରେ ରହିଛି ବନ ବିଭାଗ।

ପ୍ରକାଶ ଯେ, ତାଳଚେର ଅଞ୍ଚଳରେ ୬ରୁ ଅଧିକ ଜୀବନ ନେଇଥିବା ଉକ୍ତ ନରହନ୍ତା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ କରିବାକୁ ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ଏହି ଅଭିଯାନରେ ହାତୀ ମହେନ୍ଦ୍ରକୁ ସାମିଲ କରିବାର ଥିଲା। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସ୍ୱତନ୍ତ୍ର ଭାବେ ଏକ ଟ୍ରକ୍ ଟିକରପଡାକୁ ପଠାଯାଇଥିଲା। କିନ୍ତୁ ମହେନ୍ଦ୍ର ମସ୍ତରେ ଥିବା ଯୋଗୁ ଅପରେଶନରେ ବାଧା ଓ କିଛି ଅଘଟଣ ଘଟାଇବା ଆଶଙ୍କା କରି ମହେନ୍ଦ୍ରକୁ ଆଉ ଆଣାଯାଇ ନ ଥିଲା। ମହେନ୍ଦ୍ରକୁ ଆଣିବା ପାଇଁ ସାତକୋଶିଆ ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର କୁମାର ସାହୁ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା ଟିକରପଡାରେ ଉପସ୍ଥିତ ଥିଲେ। କିନ୍ତୁ ମହେନ୍ଦ୍ର ମସ୍ତ ଅବସ୍ଥାରେ ଥିବାରୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ତାକୁ ଅଭିଯାନରେ ସାମିଲ କରାଯାଇ ନାହିଁ। ଅନ୍ୟପକ୍ଷରେ ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବନ ବିଭାଗ ପକ୍ଷରୁ ବିକଳ୍ପ ଯୋଜନା ପ୍ରସ୍ତୁତ କରାଯାଇଛି। ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ, ଏସିଏଫ୍ ବାସୁଦେବ ବେହେରା, ସାତକୋଶିଆ ପ୍ରାଣୀ ଡାକ୍ତର ସାହୁ, ଏସିଏଫ ପଣ୍ଡା, ତାଳଚେର ରେଞ୍ଜର ହିମାନି ନାୟକ, ଅନୁଗୋଳ ରେଞ୍ଜର ସତ୍ୟବ୍ରତ ପ୍ରଧାନଙ୍କ ସହିତ ୪୫ ଜଣ ବନ କର୍ମଚାରୀ ୮ଟି ଟିମ୍ ଗଠନ କରି ଉକ୍ତ ନରହନ୍ତା ଦନ୍ତାକୁ ଜଗିବା ସହିତ ଠିକଣା ସମୟକୁ ଅପେକ୍ଷା କରିଛନ୍ତି। ଏ ନେଇ ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ କୁହନ୍ତି, ମସ୍ତ ଯୋଗୁ ମହେନ୍ଦ୍ରକୁ ଅପରେଶନରେ ସାମିଲ କରାଯାଇ ନାହିଁ। ବିକଳ୍ପ ଯୋଜନା ଚାଲିଛି। ବର୍ତ୍ତମାନ ହାତୀକୁ ଜଗିବା ସହିତ ଉପଯୁକ୍ତ ସମୟକୁ ଅପେକ୍ଷା କରାଯାଇଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଫକୀରମୋହନଙ୍କ ଜୀବନୀ ଉପରେ ଆଲୋକପାତ

ବଇଣ୍ଡା,୧୭।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଯୁବକେନ୍ଦ୍ର ଓ ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଫକୀରମୋହନଙ୍କ ଜୟନ୍ତୀ ପାଳନ କରାଯାଇଛି। ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟଅତିଥି ଭାବେ କବି ଶ୍ରୀବତ୍ସ ପ୍ରଧାନ ଯୋଗଦେଇ ଫକୀରମୋହନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ନମିତା ପ୍ରଧାନ, ଘନଶ୍ୟାମ ସାହୁ ଯୋଗ ଦେଇଥିଲେ। ଏଥିରେ ଅଭିନୟ, ନୃତ୍ୟ, ସଙ୍ଗୀତ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଚ୍ଚିଦାନନ୍ଦ ସାହୁ, ମାମୁଲି ସାହୁ, ଗଣପତି ସ୍ୱାଇଁ, ପ୍ରତିଭା ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ।

### ବାଇକ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

ବଇଣ୍ଡା,୧୭।୧(ଡି.ଏନ.ଏ.)- ଠାକୁରଗଡ଼-ଆମ୍ବଶରମୁଣ୍ଡା ରାସ୍ତାର ଦିନବନ୍ଧପୁର ନିକଟରେ ଶୁକ୍ରବାର ରାତିରେ ଛିଡ଼ା ହୋଇଥିବା ଏକ ରୋଲର ପଛରେ ବାଇକ ପିଟି ହେବାରୁ ଚାଳକ ଚେରଖଣ୍ଡି ଗ୍ରାମର ଅଶ୍ୱିନୀ ଦେହୁରୀଙ୍କ ମୃତ୍ୟୁ ହୋଇଛି। ସେ ବାଇକ୍ ଯୋଗେ ଚେରଖଣ୍ଡି ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

### ମା’ ତାରିଣୀଙ୍କ ବାର୍ଷିକୋତ୍ସବ

ତାଳଚେର,୧୭।୧(ନି.ପ୍ର.) ଅନୁଗୋଳ ଜିଲା ତାଳଚେର ବ୍ଲକ ଚାଳଗଡ ଗ୍ରାମରେ ମା’ ତାରିଣୀଙ୍କ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା କଳସ ଧରି ଗାଁ ପରିକ୍ରମା କରିଥିଲେ। ପୂଜା କମିଟି ସଭାପତି ଗୌରଚନ୍ଦ୍ର ସାମଲ, ସମ୍ପାଦକ ଭାଗୀରଥି ରାଉତ, କୋଷାଧ୍ୟକ୍ଷ ପ୍ରଶାନ୍ତ ଦେବତା, ଗ୍ରାମ କମିଟି ସଭାପତି ଧ୍ରୁବ ଚରଣ ଧୀର, ବିଭୂତି କୁମାର ଦାସ ଓ ପ୍ରକାଶ ଚନ୍ଦ୍ର ଧୀରଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଜୀବନାନନ୍ଦ ଥମ୍ବ, ହୃଷୀକେଶ ଧୀର, ଶିଖର ସାମଲ, ଜଳେଶ୍ୱର ସାମଲ, ପଦନ ସାମଲ, ପ୍ରଫୁଲ୍ଲ କୁମାର ଧୀର, ମଦନ ସାମଲ, ଜଗବନ୍ଧୁ ସାମଲ, ତଅଁଲୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟାସକବିଙ୍କ କୃତିରେ ଥିଲା ଜନଜୀବନର ଚିତ୍ର



ଜିଲା ସାହିତ୍ୟ ସଂସଦ ପକ୍ଷରୁ ଫକୀର ମୋହନ ଜୟନ୍ତୀ ପାଳିତ।

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳ ଜିଲା ସାହିତ୍ୟ ସଂସଦ ଦ୍ୱାରା ଜିଲା ପାଠାଗାର ପରିସରରେ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଯେତେବେଳେ ମାନବିକତାର କଣ୍ଠରୋଧ ହେଉଥିଲା, ଅଶିକ୍ଷା ମଣିଷକୁ ଅନ୍ଧାରକୁ ଠେଲି ଦେଉଥିଲା, ସେପରି ଏକ ସମୟର ପ୍ରତିନିଧିତ୍ୱ ଫକୀରମୋହନ ସେନାପତିଙ୍କୁ କରିବାକୁ ପଡ଼ିଥିଲା।

ସଂସଦ ସଭାପତି କୁମୁଦଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓ.ପି. ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଛନ୍ଦାଚରଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀରମୋହନଙ୍କ କୃତିରେ ଜନଜୀବନର ଚିତ୍ର ସୁସ୍ପଷ୍ଟ ବୋଲି ମତବ୍ୟକ୍ତ କରିବା ସହ ସାହିତ୍ୟର ସରଳୀକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଭାପତି ପ୍ରଫେସର ଦାଶ ନିଜ ବକ୍ତବ୍ୟରେ ଫକୀରମୋହନଙ୍କ ରଚନାରେ ୨ ଶହ ବର୍ଷର ଓଡ଼ିଶା ଇତିହାସକୁ ପଢ଼ି ହୁଏ ବୋଲି ପ୍ରକାଶ କରିଥିଲେ। ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରୀ ସାଇରକ୍ଷିତା ସ୍ୱାଇଁ ପ୍ରଥମ, ଗାର୍ଗୀ ମହାନ୍ତି ଦ୍ୱିତୀୟ ଓ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ଆୟେଶା ରିତିକା ତୃତୀୟ ହୋଇଥିଲେ। ଡିଆଇଇଟିର ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ସଭା ପରିଚାଳନା କରିଥିଲେ। ଶିଳ୍ପୀ ପ୍ରହଲ୍ଲାଦ ବେହେରା ଓ ରବୀନ୍ଦ୍ର କୁମାର ସାହୁ ଚିତାଙ୍କନ ମୂଲ୍ୟାଙ୍କନ କରିଥିଲେ। ଦ୍ୱିତୀୟ ଅଧିବେଶରେ ଡ. ଇନ୍ଦିରା ଦାଶଙ୍କ ଅଧ୍ୟକ୍ଷତାରେ ଗଳ୍ପ ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ରମାମଞ୍ଜରୀ ଗଡ଼ନାୟକ, ଅରୁଣ କୁମାର ସାହୁ, ବିରଞ୍ଚି ନାୟକ, ନନ୍ଦିନୀ ରାଉତ, ଶାନ୍ତିଲତା ରଥ, ଲତିକା ମହାପାତ୍ର, ସରୋଜିନୀ ଦେଇ, ରାଧାମୋହନ ବିଶ୍ୱାଳ, ମୋହନସୁନ୍ଦର ମେହେର, ମିନତି ସାହୁ, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଗଳ୍ପପାଠ କରିଥିଲେ। କବି ହାଡ଼ିବନ୍ଧୁ ମିଶ୍ର କବିତା ପାଠ କରିଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ କମ୍ବଳ ବଣ୍ଟନ



ଅସହାୟ ଲୋକଙ୍କ ସହ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାମାନେ।

**ବଅଁରପାଳ,୧୭।୧ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ କୁଲାଡ଼ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ପ୍ରଫୁଲ୍ଲ ବିଶୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଅସହାୟ ଓ ଗରିବ ଲୋକମାନଙ୍କୁ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଘ ପକ୍ଷରୁ କିଭଳି ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରାଯିବ ତାହା ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ଉପଦେଷ୍ଟା ପଦ୍ମନାଭ ଅମାନ୍ତ, ସମ୍ପାଦକ ଗୁରୁଚରଣ ସେଠ, ସଂଯୋଜକ ଗତିକୃଷ୍ଣ ଦେଓ, କୋଷାଧ୍ୟକ୍ଷ ଦୁଃଖବନ୍ଧୁ ସାମଲ, ସଭ୍ୟ ସୁଧୀର କୁମାର ଜେନା, ଦିବାକର ବିଶୋଇ, ସୁଧୀର ବିଶୋଇ, ଗୋଲଖଚନ୍ଦ୍ର ସାମଲ, ଶିଶିର ସାମଲ, ସୁରେଶ ଚନ୍ଦ୍ର ସେଠ, କରୁଣାକର ସେଠ, ଦୁର୍ଯ୍ୟୋଧନ ଅମାନ୍ତ ଓ କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସପ୍ତାହ



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଆଠମଲ୍ଲିକ,୧୭।୧(ଡି.ଏନ.ଏ.)**

ଆଠମଲ୍ଲିକ ପୋଲିସ ପକ୍ଷରୁ ମଙ୍ଗଳବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ବସ୍‌ଷ୍ଟାଣ୍ଡରୁ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ମାହେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା, ଅନୁଗୋଳ ଅତିରିକ୍ତ ଆରଟିଓ ବିନୟ କୁମାର ପାଲ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ନିରାପତ୍ତା ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଆଇଆଇସି ପ୍ରିୟବ୍ରତ ଦାଶ, ସମାଜିକ କର୍ମୀ ବିନୟ କୁମାର ପଟ୍ଟନାୟକ, ସାମ୍ବାଦିକ ସଂଘ ସଭାପତି ପିନା ମହାପାତ୍ର, କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ କୁମାର ସିଂହ ସାମନ୍ତ, ଅଧ୍ୟାପକ ଗୋପବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପାଳଗଦାରୁ ଦରପୋଡ଼ା ମୃତଦେହ ଉଦ୍ଧାର

**କବିସୂର୍ଯ୍ୟନଗର,୧୭।୧**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା ପରେ ପାଳଗଦାରେ ପକାଇ ନିଆଁ ଲଗାଇ ଦିଆଯାଇଛି। ଶୁକ୍ରବାର ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ମୃତକ ହେଲେ ଉକ୍ତ ଥାନା ଆଠଗଡ଼ପାଟଣାର ସୁରେଶ ଦାସ ଓରଫ କାଳିଆ (୨୪)। ମୃତକଙ୍କ ଭାଇ ରବୀନ୍ଦ୍ରଙ୍କ ଏତଲାକୁ ଭିତ୍ତି କରି ସ୍ଥାନୀୟ ପୋଲିସ ନଂ. ୧୪/୨୦ରେ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ବ୍ୟାଗ, ହେଲ୍‌ମେଟ, ବାଇକ୍, ଡିଏଲ୍, ଏଟିଏମ୍ କାର୍ଡ ପୋଲିସ ଜବତ କରିଛି। ପ୍ରକାଶ ଯେ, କାଳିଆ ପୁରୀର ଏକ ହୋଟେଲ୍‌ରେ କାମ କରନ୍ତି। ଗୁରୁବାର ସନ୍ଧ୍ୟାରେ ସେ ବ୍ରହ୍ମପୁର ଯିବି ବୋଲି ଘରେ କହି ଅଶିନିପୁର ସାଙ୍ଗ ଘରକୁ ଯାଇଥିଲେ। ସେଠାରୁ ବାଇକ୍‌ରେ ଭାରତଲୀଳା ନାଟକ ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ସୁନାପଲ୍ଲୀ ଗ୍ରାମ ଲାଲୁଘାଇ ନିକଟରେ ଥିବା ଏକ ପାଳଗଦାରେ ନିଆଁ ଲାଗିଥିବା ଲୋକେ ଦେଖିଥିଲେ। ନିଆଁରେ ଏକ ମୃତଦେହ ଜଳୁଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ପୋଲିସ ପହଞ୍ଚି ଯୁବକଙ୍କ ଦରପୋଡ଼ା ମୃତହେଦ ଉଦ୍ଧାର କରିଥିଲା। ମୃତକଙ୍କ ଦୁଇଟି ଗୋଡ଼ ଶରୀରରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ଧାରୁଆ ଅସ୍ତ୍ରରେ ମୁଣ୍ଡର ୨/୩ ସ୍ଥାନରେ ହଣାଯାଇଥିବା ପୋଲିସ କହିଛି। ପ୍ରାଥମିକ ତଦନ୍ତରୁ ଏହି ଘଟଣା ଗୁରୁବାର ମଧ୍ୟରାତିରେ ଘଟିଥିବା ବେଳେ ପ୍ରଥମେ ହତ୍ୟା ତା’ ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ମୃତଦେହ ପାଳଗଦାରେ ପକାଇ ପୋଡ଼ି ଦିଆଯାଇଥିବା ପୋଲିସ କହିଛି।

# ସୁସ୍ଥ ଜୀବନ ପାଇଁ କ୍ରୀଡ଼ା ଆବଶ୍ୟକ

**କଣିହାଁ,୧୭।୧(ଡି.ଏନ.ଏ.)**

କଣିହାଁ ବ୍ଲକ ମହକୁମାର ସର୍ବପୁରାତନ ପବିତ୍ରମୋହନ ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଅଧିକାରୀ ଖଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅତିଥି ଭାବେ ବିଡିଓ ରମେଶ କୁମାର ଜେନା, ଏବିଡ଼ିଓ ବିଜୟ କୁମାର ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ସୁସ୍ଥ ଜୀବନ ପାଇଁ କ୍ରୀଡ଼ା ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ଶିବପ୍ରସାଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ରେଙ୍ଗାଳି ପଞ୍ଚାୟତରେ ବିଜେଡି ବୈଠକ



**କଣିହାଁ,୧୭।୧(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତରେ ମଙ୍ଗଳବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କୈଳାସଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମୁକେଶ ପାଲ ଯୋଗ ଦେଇଥିଲେ। ଏହି ଅବସରରେ ରେଙ୍ଗାଳି ପଞ୍ଚାୟତର ବିଜେଡି ସଭାପତି ଭାବେ ବଂଶୀଧର ବାଘଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ଶହେ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଚାହିଦା ମେଣ୍ଟାଇ ପାରିବ କୋଇଲା

**ସମ୍ବଲପୁର, ୧୭।୧ (ବ୍ୟୁରୋ)**

ଭାରତ ସରକାର କୋଲ ଇଣ୍ଡିଆ କମ୍ପାନୀକୁ ଅଧିକରୁ ଅଧିକ ମଜଭୁତ କରିବେ। ସେହିପରି ଏହାର ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ। ସରକାରୀ ପ୍ରଚେଷ୍ଟାରେ କୋଲ ଇଣ୍ଡିଆର ଉତ୍ପାଦନ ବୃଦ୍ଧି କରିବାକୁ ୧୬ଟି ନୂତନ କୋଇଲା ବ୍ଲକ ଆବଣ୍ଟନ କରାଯାଇଛି। ଏବେ କୋଲ ଇଣ୍ଡିଆ ପାଖରେ ୪୬୩ଟି କୋଇଲା ବ୍ଲକ ହେବା ସହିତ ମହଜୁଦ ଥିବା କୋଇଲା ପରିମାଣ ବୃଦ୍ଧି ୫୨ ହଜାର ମିଲିୟନ ଟନ୍‌ରେ ପହଞ୍ଚିଛି। ୨୦୧୮-୧୯ ଆର୍ଥିକ ବର୍ଷରେ କୋଲ ଇଣ୍ଡିଆ ୬୦୬ ମିଲିୟନ ଟନ କୋଇଲା ଉତ୍ପାଦନ କରିଥିଲା । ସେଥି ମଧ୍ୟରୁ ୪୮୮ ମିଲିୟନ ଟନ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ସକାଶେ ପାୱାର ପ୍ଲାଣ୍ଟଗୁଡିକୁ ପଠା ଯାଇଛି । କମ୍ପାନୀରେ ଗଚ୍ଛିତ ରହିଥିବା କୋଇଲା ଆଗାମୀ ୧ଶହ ବର୍ଷ ଲାଗି ଦେଶର ବିଦ୍ୟୁତ ଚାହିଦା ମେଣ୍ଟାଇ ପାରିବ। ଆବଶ୍ୟକ ହେଲେ କୋଲ ଇଣ୍ଡିଆକୁ ଆହୁରି କୋଇଲା ବ୍ଲକ ଆବଣ୍ଟନ କରାଯିବ ବୋଲି ଉଲ୍ଲେଖ ରହିଛି । ଅପରପକ୍ଷେ କୋଇଲା କ୍ଷେତ୍ରରେ ବ୍ୟବସାୟିକ ମାଇନିଂ ଆରମ୍ଭ ହେଲେ କୋଲ ଇଣ୍ଡିଆ ଉପରେ କୌଣସି ପ୍ରକାର ପ୍ରଭାବ ପଡିବ ନାହିଁ । ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ୧ ହଜାର ମିଲିୟନ ଟନ୍ ଉତ୍ପାଦନ ବୃଦ୍ଧି କରିବାକୁ କୋଲ ଇଣ୍ଡିଆ ଲକ୍ଷ୍ୟ ଧାର୍ଯ୍ୟ କରିଛି। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହା କହିଥିବା ବୁର୍ଲାସ୍ଥିତ ଏମସିଏଲର ମୁଖ୍ୟାଳୟରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।



କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ କୋଲ ଇଣ୍ଡିଆ ଅଧ୍ୟକ୍ଷ ଏବଂ ଏମ୍‌ସିଏଲ ଅଧ୍ୟକ୍ଷ ।

# ଆଶ୍ରମ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନେ ।

**ତାଳଚେର,୧୭।୧(ନି.ପ୍ର.)**

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ କନକ କିଷାନ, ସୁମିତା ଗଡନାୟକ, ଦେବକୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ବୈଠକ ବର୍ଜନ, ଧାରଣା ଦେଲେ ପଞ୍ଚାୟତ ପ୍ରତିନିଧି

**ବନ୍ତଳା,୧୭।୧(ଡି.ଏନ.ଏ.)**

ଅନୁଗୋଳ ବ୍ଲକ ପ୍ରଶାସନ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନେ ଶୁକ୍ରବାର ସକାଳେ ଆୟୋଜିତ ପଞ୍ଚାୟତ ସମିତି ବୈଠକକୁ ବର୍ଜନ କରିଥିଲେ। ଏଥିସହ ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ମଧ୍ୟ ବସିଥିଲେ। ତେବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଥିଲା।

ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଠମଲ୍ଲିକବିଧାୟକ, ସମ୍ବଲପୁରଏମ୍‌ପିଙ୍କ ପ୍ରତିନିଧି, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ତପସ୍ୱିନୀ ବେହେରା, ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ବିଡିଓ ମାୟାଧର ବେହେରା, ଜିଲା ପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ଜିପିଓ ଭାସ୍କର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ସ୍ୱାଗତ ଭାଷଣ ଦେବା ପରେ ଜିପିଓ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଏହି ସମୟରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ସଭାକୁ ବିରୋଧ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ବିଭିନ୍ନ ବିକାଶମୂଳକ ସରକାରୀ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ଲୋକ ପ୍ରତିନିଧିମାନଙ୍କୁ ଅଣଦେଖା କରୁଛି। ପ୍ରାୟ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସରକାରୀ ଅନୁଦାନର ସଦୁପଯୋଗ କରାଯାଇ ପାରୁନାହିଁ। ୨୩୫ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୧୦ଟି ରାଜସ୍ୱ ଗ୍ରାମ ଦୀର୍ଘ ୫ ବର୍ଷ ହେବ ଏସ୍‌ଇସିସି ଡାଟା(ସୋସିଆଲ ଇକୋନୋମିକ)ରେ ସାମିଲ ହୋଇ ନ ଥିବାରୁ ସରକାରଙ୍କ ଯୋଜନା ଉକ୍ତ ୧୦ ଗ୍ରାମରେ ପହଞ୍ଚିପାରୁ ନାହିଁ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲିପଡ଼ିଥିଲେ ମଧ୍ୟ ତାହା ପୂରଣ ହେଉନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଏଏନ୍ଏମ ନାହାନ୍ତି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ବ୍ଲକ ପ୍ରଶାସନ ଗ୍ରାମାଞ୍ଚଳ ଠିକାଦାରମାନଙ୍କ ଠାରୁ ୧୪ ଭାଗ ପିସି ନେଉଛନ୍ତି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ନିମ୍ନମାନର ହେଉଛି। ସେହିପରି ପ୍ରତି ଗ୍ରାମରେ କେତୋଟି ଟଙ୍କା ଲଗାଣକାରୀ ସଂସ୍ଥା ହରିଜନ, ଆଦିବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ପ୍ରଲୋଭିତ କରି ଅଧିକ ସୁଧରେ ଅର୍ଥ ଆଦାୟ କରୁଛି। ଇତିମଧ୍ୟରେ ଅନେକ ମହିଳା ସୁଧ ଦେଇ ନ ପାରି ଗାଁ ଛାଡି ପଳାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ ବିଧାୟକ ଓ ଏମ୍‌ପିଙ୍କ ପ୍ରତିନିଧିମାନେ ପହଞ୍ଚି ଉକ୍ତ ଦାବି ଗୁଡିକ ବିଷୟରେ ଜିଲା ପ୍ରଶାସନଠାରେ ଜଣାଇବା ସହିତ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିମାନେ ଧାରଣା ଦେଇଛନ୍ତି।

■ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଆଣିଲେ ଅଭିଯୋଗ

■ବିଧାୟକ ଓ ଏମ୍‌ପିଙ୍କ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସମାଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର, ଜାନୁୟାରୀ ୧୮ /୨୦୨୦, Dhenkanal, Saturday, January 18 / 2020

## ସଂକ୍ଷେପରେ

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୧୭।୧:** ଅନୁଗୋଳ ରେଳଷ୍ଟେଶନ୍‌ରେ ଶୁକ୍ରବାର ଜଣେ ଯୁବକ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଅପରାହ୍ନ ସାଢ଼େ ୪ଟାରେ ରାଉରକେଲାରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ଟ୍ରେନ୍ ପ୍ଲାଟ ଫର୍ମରେ ପଶୁଥିବାବେଳେ ଯୁବକ ଜଣଙ୍କ ହଠାତ୍ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲେ ହେଁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ୨ୟ ଦିନରେ ଅନଶନ

**ତାଳଚେର,୧୭।୧(ନି.ପ୍ର.):** ନିଯୁକ୍ତି ଦାବିରେ ବଲଣ୍ଡା ଗ୍ରାମର ହଗୁରୁ ନାଏକଙ୍କ ପୁଅ କେଦାର ନାଏକ, ମୃଷା ନାଏକଙ୍କ ପୁଅ ଗୌର ନାଏକ ଏବଂ ଜୟ ନାଏକଙ୍କ ପୁଅ ସୁଶୀଲ ନାଏକ ଗୁରୁବାରଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଶୁକ୍ରବାର ଅନଶନ ୨ୟ ଦିନରେ ପହଞ୍ଚିଥିଲେ ବି ପୋଲିସ, ପ୍ରଶାସନ ଏହାର ସମାଧାନ କରିବା ପରିବର୍ତ୍ତେ ଏଠାରୁ ଚାଲିଯିବାକୁ ଧମକ ଦେଉଥିବା ଅନଶନକାରୀମାନେ ଅଭିଯୋଗ କରିଛନ୍ତି। ପୋଲିସ ସେମାନଙ୍କୁ ହଟେଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିବା ଅନଶନକାରୀ ପ୍ରକାଶ କରିଛନ୍ତି।

### ଅଭିଭାବକ ସମ୍ମିଳନୀ

**ବଅଁରପାଳ,୧୭।୧(ଡି.ଏନ.ଏ.):** ବଅଁରପାଳ ବ୍ଲକ ବଳରାମପ୍ରସାଦ କଇଁ ଫୁଲିଆସାହିରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୁସୟା ଖଟୁଆ ଏଥିରେ ସଭାପତିତ୍ୱ କରିଥିଲେ। ସ୍କୁଲର ଚେୟାରମ୍ୟାନ ଅଞ୍ଜନା ବେହେରା ଅତିଥି ଭାବେ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ପିତାମାତା ଓ ସ୍କୁଲ ପରିଚାଳନା କମିଟିର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସମ୍ମିଳନୀରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ସଂଯୁକ୍ତା ମାଝି ଧନ୍ୟବାଦ ଦେଇଥିଲେ।

# ଶବଗୃହ ଚାବି ମିଳିଲାନି, ଅଧରାତିରେ ଉତ୍ତେଜନା



- ପୁଣି ବିବାଦରେ ଜିଲା ମୁଖ୍ୟ ଚିକିତ୍ସାଳୟ
- ତାଲା ଭଙ୍ଗାଯାଇ ରଖାଗଲା ମୃତଦେହ
- ମେଡିକାଲ କର୍ତ୍ତୃପକ୍ଷ ଡାକିଲେ ଜରୁରୀ ବୈଠକ

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପୁଣି ବିବାଦକୁ ଠେଲି ହୋଇଯାଇଛି। ଗୁରୁବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯିବା ବେଳେ ଶବଗୃହ ଚାବି ନ ମିଳିବାରୁ ପ୍ରାୟ ଦେଢ଼ ଘଣ୍ଟାକାଳ ତାଙ୍କ ସମ୍ପର୍କୀୟଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା। ଏହାକୁ ନେଇ ସମ୍ପର୍କୀୟମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ତାଲା ଭଙ୍ଗାଯାଇ ମୃତଦେହ ରଖାଯିବା ପରେ ଲୋକମାନେ ଶାନ୍ତ ପଡ଼ିଥିଲେ। ତେବେ ଯାଞ୍ଚ ବେଳେ ସୁଇପର ଚାବି ନେଇ ଚାଲିଯାଇଥିବା ଜଣାପଡ଼ିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ପ୍ରତାପ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କୁମଣ୍ଡ ଅଞ୍ଚଳର ମାନସ ରଞ୍ଜନ ସାହୁ(୩୦) ରାତିରେ ବାଇକ୍‌ରେ ଯାଉଥିବା ବେଳେ ଏକ ଷଣ୍ଢକୁ ଧକ୍କା ଦେଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ମାନସଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁମଣ୍ଡ ଅଞ୍ଚଳର ବହୁ ଲୋକ ମେଡିକାଲରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପାଇଁ ଶବଗୃହରେ ମୃତଦେହ ରଖିବାକୁ ଡାକ୍ତର କହିଥିଲେ ହେଁ ଶବଗୃହ ଚାବି ମିଳି ନ ଥିଲା। ମେଡିକାଲ ବାରଣ୍ଡାରେ ଦେଢ଼ଘଣ୍ଟା କାଳ ମୃତଦେହ ପଡ଼ି ରହିବାରୁ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଡ୍ୟୁଟି କରୁଥିବା ଡାକ୍ତରମାନେ ଚାବି କାହା ପାଖରେ ରହିଛି ଜାଣିପାରି ନ ଥିଲେ। ଶେଷରେ ତାଲା ଭଙ୍ଗାଯାଇ ମୃତଦେହ ରଖାଯାଇଥିଲା। ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଚାବି ହଜିବା ଘଟଣାକୁ ନେଇ ଶୁକ୍ରବାର ମେଡିକାଲ କର୍ତ୍ତୃପକ୍ଷ ଏକ ଜରୁରୀ ବୈଠକ ଡକାଇଥିଲେ। ସିଡିଏମ୍‌ଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏଡିଏମ୍‌ଓ ମେଡିକାଲ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଣିକି ଶବଗୃହର ତିନୋଟି ଚାବି ରହିବ। କାଜୁଆଲଟିରେ ଡ୍ୟୁଟି କରୁଥିବା ଡାକ୍ତରଙ୍କ ନିକଟରେ ଗୋଟିଏ, ମେଡିକାଲ ମ୍ୟାନେଜରଙ୍କ ନିକଟରେ ଗୋଟିଏ ଓ ଅନ୍ୟଟି ସିନିୟର ଫାର୍ମାସିଷ୍ଟଙ୍କ ନିକଟରେ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଚାବି ନେଇଯାଇଥିବା ସୁଇପରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଡିଏମ୍‌ଓ ମେଡିକାଲ ବେହେରା ସୂଚନା ଦେଇଛନ୍ତି।

## କାର୍ଯ୍ୟରୁ ନିଲମ୍ବିତ ହେଲେ କନିଷ୍ଠ କିରାଣି

**ଅନୁଗୋଳ ଅଫିସ, ୧୭।୧**

ଜଣେ ମହିଳା ଫରେଷ୍ଟରଙ୍କୁ ବ୍ଲାକମେଲ ଓ ବଳାତ୍କାର ଅଭିଯୋଗରେ ଗତ ୩ ତାରିଖରେ ଅନୁଗୋଳ ପୋଲିସ ଗିରଫ କରିଥିବା ଫରେଷ୍ଟ ରେଞ୍ଜର କଲେଜର କନିଷ୍ଠ କିରାଣି ବିଶ୍ୱଜିତ ନାଏକଙ୍କୁ କଲେଜ କର୍ତ୍ତୃପକ୍ଷ ନିଲମ୍ବନ କରିଛନ୍ତି। ଅନୁଗୋଳ ଥାନା ପକ୍ଷରୁ ଗିରଫ ସଂକ୍ରାନ୍ତ ରିପୋର୍ଟ କଲେଜକୁ ପ୍ରଦାନ କରାଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପ୍ରିନ୍ସିପାଲ ଭି.କାର୍ତ୍ତିକ ସୂଚନା ଦେଇଛନ୍ତି।







# ଲିଟିଲହାର୍ଟ୍ସ ଟଡଲରସ୍ ଏକାଡେମୀରେ ମକରପର୍ବ



ଲିଟିଲହାର୍ଟ୍ସରେ ଗୁଡ଼ିଉଡା କାର୍ଯ୍ୟକ୍ରମ ଅବସରରେ ଛାତ୍ରୀମାନେ।

**ଅନୁଗୋଳ ଅଫିସ, ୧୭।୧**

ଅନୁଗୋଳସ୍ଥିତ କୁଇଓ ଠାରେ ଲିଟିଲହାର୍ଟ୍ସ ଟଡଲରସ୍ ଏକାଡେମୀରେ ମକରପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ଭାରତୀୟ ସଂସ୍କୃତିରେ ମକର ପର୍ବର ସାଂସ୍କୃତିକ ଓ ଭୌଗଳିକ ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି, ଅଭିଷ୍ଟ ସିଦ୍ଧି ପାଇଁ ସୂର୍ଯ୍ୟ ଉପାସନା ଓ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ମକରବେଶ, ମକର ଚାଉଳ ଭୋଗ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ସ୍କୁଲ ନିର୍ଦ୍ଦେଶକ ହେମନ୍ତ ଗୋହିଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ସ୍କୁଲ ଖେଳପଡ଼ିଆରେ ପିଲାମାନେ ଗୁଡ଼ି ଉଡ଼ାର ମଜା ନେଇଥିଲେ।

# ଟିଟିପିଏସ୍ ପକ୍ଷରୁ ଶୀତବସ୍ତ୍ର ପ୍ରଦାନ



ଗ୍ରାମବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

**ତାଳଚେର,୧୭।୧(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍) ପକ୍ଷରୁ ଏହାର ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ତାଳଚେର ବ୍ଲକ ବନ୍ତୋଲ ପଞ୍ଚାୟତର ଆଦିବାସୀବହୁଳ ଅଞ୍ଚଳ ମୁଣ୍ଡାହଟିଙ୍ଗରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଜିଜିଏମ୍ ଡି.ଏନ. ତିୱାରୀ, ଏଜିଏମ୍ ଏଲିୟସ ଟପ୍ପୋ ହଟିଙ୍ଗର ଅଧିବାସୀମାନଙ୍କୁ କମ୍ବଳ, ମଶାରୀ, ଧୋତି, ଶାଢ଼ୀ ପ୍ରଦାନ କରିଥିଲେ। ବନ୍ତୋଲ ସରପଞ୍ଚ ଅବନୀକାନ୍ତ ଦେହୁରୀ, ଡିଜିଏମ୍ ସମୀତ ଦେବଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଅନୁଗୋଳ ଇକୋ ପାର୍କରେ ବିବେକାନନ୍ଦ ଜୟନ୍ତୀ ଅବସରରେ ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି, ପୂଜା ସ୍ୱାଇଁ, ଶୈଳେଶ ଚନ୍ଦ୍ର ଦାଶଗୁପ୍ତାଙ୍କ ସହ ବରିଷ୍ଠ ନାଗରିକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ